Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 61
Tuesay, 5 May 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୫ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
# ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

# 'ଅଙ୍ଗ' ଦେଲା 'ବଙ୍ଗ' ବିଜୟର ରଥ

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ କର୍ମକର୍ତାଙ୍କୁ ସମ୍ବୋଧିତ କରିଛନ୍ତି । ପଶ୍ଚିମବଙ୍ଗରେ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କହିଛନ୍ତି । ସେ କହିଛନ୍ତି ଏହି ଜନାଦେଶ କେବଳ କ୍ଷମତା ପରିବର୍ତନ ନୁହେଁ, ବରଂ ଭୟମୁକ୍ତ ଏବଂ ବିକାଶ ଆଧାରିତ ପଶ୍ଚିମବଙ୍ଗ ଆଡ଼କୁ ବର୍ତ୍ତିତ ନିର୍ଣ୍ଣାୟକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡା. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନକୁ ମନେ ପକାଇ କହିଛନ୍ତି, ଆଜି ପଶ୍ଚିମବଙ୍ଗର ଜନତା ସ୍ୱପ୍ନକୁ ସତ୍ୟ କରିବା ପାଇଁ ସୁଯୋଗ ଦେଇଛନ୍ତି । ପଶ୍ଚିମବଙ୍ଗରେ ଏକେ ନୂଆ ଯାତ୍ରାର ଆରମ୍ଭ ହେବ, ଯେଉଁଠି ବିକାଶ, ଗରସା ଏବଂ ନୂଆ ଆଶାର ଜନ୍ମ ନେବ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମହିଳାମାନଙ୍କୁ ସୁରକ୍ଷିତ ବାତାବରଣ ମିଳିବ । ଯୁଗଗୋଷ୍ଠୀଙ୍କ ପାଇଁ ରୋଜଗାର ମିଳିବ । ପଳାୟନ ନିୟନ୍ତ୍ରଣ କରାଯିବ । ରାଜ୍ୟର ବିକାଶ ପାଇଁ ବିଜେପି ସରକାର ପୂରା ଶକ୍ତି ଲଗାଇବ । ପ୍ରଥମ କ୍ୟାବିନେଟ ବୈଠକରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ନେଇ ନିଷ୍ପତ୍ତି ନିଆଯିବ । ପଶ୍ଚିମବଙ୍ଗରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ, ପିଢ଼ିପିଢ଼ି ଧରି ଅଗଣିତ କର୍ମକର୍ତାଙ୍କ ଉଦ୍ୟମ ଏବଂ ସଂଘର୍ଷ ବିନା ସମ୍ଭବ ହୋଇପାରି ନଥାନ୍ତା । ମୁଁ ସେ ସମସ୍ତଙ୍କୁ ପ୍ରଣାମ କରୁଛି । ବର୍ଷବର୍ଷ ଧରି ସେମାନେ ତୃଣମୂଳସ୍ତରରେ ବହୁ ପରିଶ୍ରମ କରିଛନ୍ତି । ବହୁ ଅସୁବିଧାର ସାମ୍ନା କରିଛନ୍ତି ଏବଂ ଆମର ବିକାଶ ଏଜେଣ୍ଡାକୁ ଲୋକଙ୍କ ନିକଟରେ ପଂହଚାଇଛନ୍ତି । ସେମାନେ ହେଉଛନ୍ତି ଆମ ଦଳର ପ୍ରକୃତ ବଳ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁଠେରେ ମନେ ରହିବ । ଜନତାଙ୍କ ଶକ୍ତିର ବିଜୟ ହୋଇଛି । ମୁଁ ପଶ୍ଚିମବଙ୍ଗର ପ୍ରତ୍ୟେକ ଲୋକଙ୍କ ନିକଟରେ ପ୍ରଣାମ କରୁଛି । ଜନତା ବିଜେପିକୁ ଏକ ଉତ୍ସାହଜନକ ଜନାଦେଶ ଦେଇଛନ୍ତି । ଲୋକଙ୍କର ଆଶା ଏବଂ ଆକାଂକ୍ଷା ପୂରଣ କରାଯିବାକୁ ଉଦ୍ୟମ କରାଯିବ । ଆମେ ଏକ ଏଭଳି ସରକାର ଦେବୁ, ଯାହା ସମାଜର ସମସ୍ତ ବର୍ଗକୁ ଅବସର ଏବଂ ସମ୍ମାନ ସୁନିଶ୍ଚିତ କରିବ ।

# ଭବାନୀପୁରରୁ ହାରିଲେ ମମତା

କୋଲକାତା, ୪/୫(ନ୍ୟୁ.ଏ): ପଶ୍ଚିମବଙ୍ଗର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ଟିଏମସିର ଗଢ଼ ଭବାନୀପୁରରେ ଲଢ଼େଇ ରୋମାଂଚକ ହେବାରେ ଲାଗିଛି । ଗଣତି ଆରମ୍ଭରୁ ଆଗରେ ଥିବା ବିଜେପିର ଶୁଭେନ୍ଦୁ ଅଧିକାରୀ ମଧ୍ୟାହ୍ନ ବେଳକୁ ପଛରେ ପଡ଼ି ଯାଇଥିଲେ । ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ୧୫ ହଜାରରୁ ଅଧିକ ଭୋଟରେ ଲିଡକୁ ଚାଲି ଆସିଥିଲେ । ୧୩ ରାଉଣ୍ଡ ଯାଏ ମମତା ଲିଡ ଚଳାଣୀ ରଖିଥିଲେ । ଏହାପରେ ହଠାତ ଗଣତି ବନ୍ଦ ହୋଇ ଯାଇଥିଲା । ପ୍ରାୟ ୨ ଘଂଟା ପରେ ଗଣତି ଆରମ୍ଭ ହେବା କ୍ଷଣୀ ମମତାଙ୍କ ଲିଡ ଖସପ କମିଶାରେ ଲାଗିଥିଲା । ପୁଅମେ ୫ ହଜାର ଓ ପରେ ଏହା ୩ ହଜାରକୁ ଖସିଥିଲା । ଶେଷରେ ୧୬ ରାଉଣ୍ଡ ଗଣତି ପରେ ସ୍ଥିତି ବଦଳି ଯାଇଛି । ପୁଣି ମମତାଙ୍କ ଗଢ଼ରେ ଲିଡ ହାସଲ କରି ଦେଇଛନ୍ତି ଶୁଭେନ୍ଦୁ ଅଧିକାରୀ । ୧୬ ରାଉଣ୍ଡ ଭୋଟ ଗଣତି ପରେ ମମତାଙ୍କ ଠାରୁ ୫୫୪ ଖଣ୍ଡ ଭୋଟ ଆଗରେ ରହିଛନ୍ତି ଶୁଭେନ୍ଦୁ ଅଧିକାରୀ । ଶୁଭେନ୍ଦୁଙ୍କୁ ୫୪ ୩୮୬ ଖଣ୍ଡ ଭୋଟ ମିଳିଥିବା ବେଳେ ମମତା ୫୩,୮୩୨ ଖଣ୍ଡ ଭୋଟ ପାଇଛନ୍ତି । ବାକି ୪ ରାଉଣ୍ଡ ଭୋଟ ଗଣତି ବାକି ଥିବାରୁ ରେଜଲ୍ଟ କିଛି ବି ହୋଇପାରେ । ୨୦୨୧ ବିଧାନସଭା ନିର୍ବାଚନ ବେଳେ ନନ୍ଦିଗ୍ରାମରେ ଶୁଭେନ୍ଦୁ ଓ ମମତାଙ୍କ ମଧ୍ୟରେ ଏଭଳି ଟକ୍କର ଦେଖିବାକୁ ମିଳିଥିଲା । ଶେଷରେ ଶୁଭେନ୍ଦୁ ୨ ହଜାରରୁ କମ ଭୋଟରେ ବିଜୟ ହାସଲ କରିଥିଲେ । ଏବେ ମମତା ତାଙ୍କ ଭବାନୀପୁର ଗଢ଼ ବଂଚାଇ ପାରୁଛନ୍ତି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି ।

# ମେ ୬ରୁ ଆରମ୍ଭ ହେବ ଶିଶୁ ଶ୍ରମିକ ମୁକ୍ତ ଅଭିଯାନ

ଭୁବନେଶ୍ୱର, ୪/୫ (ଆ.ପ୍ର) : ଓଡ଼ିଶାରେ ଶିଶୁ ଅଧିକାର ସୁରକ୍ଷାକୁ ଆଉ ମଜବୁତ କରିବା ପାଇଁ ବଡ଼ ପଦକ୍ଷେପ । ମେ ୬ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଶିଶୁ ଶ୍ରମିକ ମୁକ୍ତ ଅଭିଯାନ । ଲେଣ୍ଡୁଝର ଜିଲ୍ଲାରୁ ଏହି ଅଭିଯାନର ଶୁଭାରମ୍ଭ ହେବ । ଶ୍ରମ ମନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ବନ୍ଦିତା ପାଢ଼ୁ କହିଛନ୍ତି । ଶିଶୁମାନଙ୍କ ସୁରକ୍ଷା ପାଇଁ ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ କଡାକଡି ଲାଗୁ କରାଯାଉଛି । ସ୍କୁଲ ଛୁଟିଆଉଟ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । 'ଚାଲ ଘରକୁ ଯିବା' ଅଭିଯାନ ମାଧ୍ୟମରେ ଯେଉଁ ପିଲାମାନେ ସ୍କୁଲକୁ ଯାଉନାହାନ୍ତି, ସେମାନଙ୍କୁ ପୁଣିଥରେ ଶିକ୍ଷା ପରିସରକୁ ଆଣିବାରେ ଜୋର ଦିଆଯିବ ବୋଲି ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ଏହା ସହିତ ଛୁଟିଆଉଟ, ଶିଶୁ ବିବାହ ଓ ଶିଶୁ ଚାଲାଣକୁ ରୋକିବାକୁ ବିଶେଷ ଅଭିଯାନ ଚାଲିବ । ଶିଶୁ ଚାଲାଣ ରୋକିବା ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଛି । ରାଜ୍ୟର ବିଭିନ୍ନ ରେଳ ଷ୍ଟେସନରେ ନଜର ରଖାଯାଇଛି ବୋଲି ଆୟୋଗ ସୂଚନା ଦେଇଛି । ଏହାସହ ଅନଲାଇନ ସେଫ୍ଟି ଫର ବିଲ୍ଡୁନେ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲ ସ୍ତରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

# କେରଳମରେ କଂଗ୍ରେସ ସରକାର, ୯୯ ଆସନ ଜିତିଲା ୟୁଡିଏଫ

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): କେରଳମ ବିଧାନସଭାରେ ୧୪୦ଟି ଆସନ ଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୯୯ଟି ଆସନରେ ବିଜୟୀ ହୋଇଛି । ଏଠାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ୭୧ ହୋଇଥିବା ବେଳେ ଏହାଠାରୁ ୨୮ ଆସନ ଅଧିକ ପାଇଛି ୟୁଡିଏଫ । ୧୦ ବର୍ଷ ଧରି କେରଳମରେ ଶାସନ କରୁଥିବା ସିପିଆଇ (ଏମ୍) ନେତୃତ୍ୱଧୀନ ଏଲ୍‌ଡିଏଫ କ୍ଷମତାଚ୍ୟୁତ ହୋଇଛି । ଏହି ମେଂଟକୁ ମାତ୍ର ୩୫ଟି ଆସନ ମିଳିଛି । ଏହା ସହିତ ଗତ ୫୦ ବର୍ଷରେ ପ୍ରଥମ ଥର ପାଇଁ ଦେଶର କୌଣସି ରାଜ୍ୟରେ ଆଉ ବାମ ଦଳର ସରକାର ରହିବ ନାହିଁ । ଲଗାତାର ୩୪ ବର୍ଷ ଶାସନ କରିବା ପରେ ୨୦୧୧ରେ ପଶ୍ଚିମବଙ୍ଗରୁ ବାମ ସରକାର କ୍ଷମତାଚ୍ୟୁତ ହୋଇଥିଲା । ଏହା ପରେ ୨୦୧୮ରୁ ତ୍ରିପୁରାରୁ କ୍ଷମତାଚ୍ୟୁତ ହୋଇଥିଲା ବାମ ସରକାର । ଏଠାରେ ୧୯୯୮ରୁ ଲଗାତାର ୨୦ ବର୍ଷ ଧରି ଶାସନ କରିଥିଲା ବାମ ଦଳ । କିନ୍ତୁ ୨୦୨୮ ବାମ ଦଳରୁ କ୍ଷମତାଚ୍ୟୁତ କରିଥିଲା ବିଜେପି । କେରଳରେ ସାଧାରଣତଃ ପ୍ରାୟ ଗୋଟିଏ ଥର କଂଗ୍ରେସ ଓ ଗୋଟିଏ ଥର ବାମ ମେଂଟ ଶାସନ କରନ୍ତି । ୨୦୧୬ରେ ବାମ ମେଂଟ ଏଠାରେ କ୍ଷମତାକୁ ଆସିଥିବା ବେଳେ ୨୦୨୧ ନିର୍ବାଚନରେ ମଧ୍ୟ ବାଜି ମାରିଥିଲା । କିନ୍ତୁ ଏଥର ବାମ ଦଳ କେରଳରେ ମଧ୍ୟ ହାରିଯାଇଛି । ଫଳରେ ଦେଶର କୌଣସି ରାଜ୍ୟରେ ଏବେ ଆଉ ବାମ ଦଳର ସରକାର ନାହିଁ । ୟୁଡିଏଫ ୯୯ଟି ଆସନ ଜିତିଥିବା ବେଳେ ତା' ମଧ୍ୟରେ କଂଗ୍ରେସର ୬୩ଟି ଆସନ ରହିଛି । ସେହିପରି ମେଂଟରେ ଥିବା ଆଇୟୁଏଲର ୨୨ଟି ଆସନ ଜିତିଥିବା ବେଳେ କେସି ୭, ଆରଏସ୍‌ପି ୩, କେସି (କେ) ଗୋଟିଏ, ଆଇଏନ୍‌ଏଲ ଗୋଟିଏ, ସିଏମ୍‌ପିକେଏସ୍‌ଏମ୍ ଗୋଟିଏ ଓ ଆଇଏନ୍‌ପିଆଇଲ ଗୋଟିଏ ଆସନ ଜିତିଛନ୍ତି । ସିପିଆଇ (ଏମ୍) ନେତୃତ୍ୱଧୀନ ମେଂଟ ୩୫ଟି ଆସନ ଜିତିଛି ।

# ଆଗାମୀ ଦିନରେ ବିଜେପିର ଫୋକସ ଦକ୍ଷିଣ ଭାରତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪/୫ (ଆ.ପ୍ର) : ପଶ୍ଚିମବଙ୍ଗ, ଆସାମ ଏବଂ ପୁଦୁଚେରୀରେ ଯେଉଁ ବିଜୟ ଗଣତନ୍ତ୍ରର ବିଜୟ । ବିଜେପି ଉପରେ ଭରସା ବଢ଼ିଚାଲେ ଲାଗିଛି । ୨୨ ରୁ ଅଧିକ ରାଜ୍ୟରେ ଏନଡିଏ ଶାସନରେ ଅଛନ୍ତି । ଏହି ବିଜୟ ସଂଖ୍ୟାର ଖେଳ ନୁହେଁ ଜନ ପ୍ରତିବଦ୍ଧତାର ପରିଚୟ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏଥିସହ ଏହି ଐତିହାସିକ ବିଜୟ ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ସବୁବେଳେ ପୂର୍ବ ଭାରତକୁ ଫୋକସ କରି ଆସିଥିଲେ । ଆଗାମୀ ଦିନରେ ବିଜେପିର ଫୋକସ ଦକ୍ଷିଣ ଭାରତ । ଏହି ବିଜୟକୁ ସଂକଳ୍ପ ନେଇଛୁ ଦକ୍ଷିଣ ଭାରତ ଦଖଲ କରିବୁ । ଏହି ବିଜୟ ଉତ୍ସବ ପଟାକା ଉଡାଇବାର ନୁହେଁ, ନୂଆ ସଂକଳ୍ପ ନେବାର ସମୟ । ମୋତେ ଯେଉଁ ନିର୍ବାଚନ ମଣ୍ଡଳୀଗୁଡିକ ଦାୟିତ୍ୱ ଦିଆଯାଇ ଥିଲା ସେସବୁ ନିର୍ବାଚନ ମଣ୍ଡଳୀରେ ବିଜେପି ବିଜୟ ଲାଭ କରିଛି । ୫୦୦ ରୁ ଅଧିକ ନେତା, ମନ୍ତ୍ରୀ ସମସ୍ତ ନେତୃତ୍ୱମାନେ ଦୀର୍ଘ ତିନି ମାସ ଧରି ପଶ୍ଚିମ ବଙ୍ଗରେ କାମ କରୁଥିଲେ । ତାଙ୍କ ପରିଶ୍ରମର ଫଳ ମିଳିଛି । ଆମ ସଂଗଠନକୁ ଆହୁରି ସଶକ୍ତ କରିବା ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି । ତିନି ରାଜ୍ୟର ସମସ୍ତ ଭୋଟରଙ୍କୁ ଧନ୍ୟବାଦ । ଆଜିର ବିଜୟ ଗଣତନ୍ତ୍ରର ବିଜୟ, ବିଜେପିର ବିଜୟ । ବଙ୍ଗ ବିଜୟ ପରେ, ଆଜି ବିଜୟର ଆର ଓଡିଶାକୁ ଆହୁ ସମମ୍ବା ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହ ମଂଚ ଉପରୁ ମମତା ବାନାର୍ଜୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୋହନ ଟାର୍ଗେଟ କରିଥିଲେ । ମମତା ବିଡି ମା' ମାଟି ମନୁଷ କଥା କହୁଥିଲେ କିନ୍ତୁ ତା' ପରିବର୍ତ୍ତେ, ତାଙ୍କ ରାଜ୍ୟର ଅର୍ଥାତ ନବୀନ ବାବୁଙ୍କ ପରି କେବଳ ଭୋଟ ବ୍ୟାଙ୍କ ତିଆରି କରୁଥିଲେ ବୋଲି କହିଥିଲେ ।

# ବାଦ୍ ପଡ଼ିଥିବା ୭୯ ହଜାର 'ସୁଭଦ୍ରା' ହିତାଧିକାରୀଙ୍କ ଖାତାରେ ପହଂଚିଲା କିସ୍ତି

ଭୁବନେଶ୍ୱର, ୪/୫ (ଆ.ପ୍ର) : ବିଜେପି ସରକାରଙ୍କ ବହୁ ଆକାଂକ୍ଷିତ 'ସୁଭଦ୍ରା' ଯୋଜନାରୁ ବାଦ୍ ପଡ଼ିଥିବା ୭୯ ହଜାର ହିତାଧିକାରୀଙ୍କୁ ଆଜି ଭାଇରେଲ୍ ବେନିଫିଟ୍ ଟ୍ରାନ୍‌ସଫର (ଡିବିଟି) ମାଧ୍ୟମରେ ୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ପଠାଯାଇଛି । ନିଷ୍ପତ୍ତି ଏନ୍‌ପିସିଆଇ ଜିଏଚ୍‌ଏ, ଇ କେଓ୍ୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାଜି ଥିବା ଅଭିଯୋଗ ସମାଧାନ ଜାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି । ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଂଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ । ବ୍ୟବସ୍ଥିତ ଯାଂଚ ଏବଂ ଅଭିଯୋଗ ନିବାରଣର ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି । ସେ ସୁନିର୍ଦ୍ଦିଷ୍ଟ କରିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ ମୃଣାଳିନୀ ଦର୍ଶାଲ, କାର୍ଯ୍ୟକାରୀ ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମହାନ୍ତି, ଏବଂ ଅତିରିକ୍ତ ଶାସନ ସଚିବ, କୃଚିବାସ ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

# ରେକର୍ଡ ୯୦ ହଜାର ଭୋଟରେ ଜିତିଲେ ଆସାମ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ଆସାମରେ ବିଜେପି ହ୍ୟାଟ୍ରିକ ହାସଲ କରିଥିବା ବେଳେ ରେକର୍ଡ କରିଛନ୍ତି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା । ସେ ରେକର୍ଡ ଥର ପାଇଁ ନିଜର ପାରମ୍ପରିକ ଜାଲୁକବାଡି ଆସନରୁ ବିଜୟ ଲାଭ କରିଛନ୍ତି । ସେ ୯୦ ହଜାର ଭୋଟ ବ୍ୟବଧାନରେ କଂଗ୍ରେସର ବିଦିଶା ନେଉଓଙ୍କୁ ହରାଇ ଦେଇଛନ୍ତି । ଏହି ଆସନ ପାଇଁ ମୋଟ ୨୨ ରାଉଣ୍ଡ ଭୋଟ ଗଣତି ହୋଇଥିଲା । ଆରମ୍ଭରୁ ହିଁ ହିମନ୍ତ ବିଶ୍ୱଶର୍ମା ଲିଡ କରୁଥିଲେ । ଶେଷରେ ସେ ୮୯,୪୩୪ ଖଣ୍ଡ ଭୋଟରେ ବିଦିଶାକୁ ହରାଇଛନ୍ତି । ବିଶ୍ୱଶର୍ମା ୧,୨୭,୧୫୨ ଖଣ୍ଡ ଭୋଟ ପାଇଥିବା ବେଳେ ବିଦିଶାକୁ ରାଗରେ ପଡ଼ିଛି ୩୭,୭୧୭ ଖଣ୍ଡ ଭୋଟ । ଭ୍ରମାଗତ ୬ଷ୍ଠ ଥର ପାଇଁ ବିଶ୍ୱଶର୍ମା ଜାଲୁକବାଡିଆସନରୁ ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷରେ ଆସାମର ୧୨୬ ବିଧାନସଭା ଆସନରୁ ବିଜେପି ନେତୃତ୍ୱାଧୀନ ଏନଡିଏ ୧୦୧ଟି ଆସନ ଜିତିଥିବା ବେଳେ କଂଗ୍ରେସ ମେଂଟ ୨୨ଟି ଓ ଅନ୍ୟାନ୍ୟ ଦଳ ୩ଟି ଆସନ ପାଇଛନ୍ତି । ବିଜେପି ରାଜ୍ୟରେ ୯୦ଟି ସ୍ଥାନରେ ପ୍ରାର୍ଥୀ ଦେଇଥିଲା । ସେମାନଙ୍କ ମଧ୍ୟରୁ ୮୨ ଜଣ ବିଜୟ ଲାଭ କରିବା ମଧ୍ୟ ଗୋଟିଏ ରେକର୍ଡ ।

# ମହାନଦୀ ଜଳପ୍ରବାହ: ପଦାକୁ ଆସିଲା ଓଡ଼ିଶା-ଛତିଶଗଡ଼ ଯୁଗ୍ମ ବୈଷୟିକ ରିପୋର୍ଟ

ଭୁବନେଶ୍ୱର, ୪/୫ (ଆ.ପ୍ର) : ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ଛକାପଞ୍ଜା ଏବେ ନିର୍ଣ୍ଣାୟକ ମୋଡ଼କୁ ପହଂଚିଛି । ମହାନଦୀରେ ଜଳପ୍ରବାହର ପରିମାଣ ଓ ଉପଲବ୍ଧତାକୁ ନେଇ ପ୍ରସ୍ତୁତ ହୁଇ ରାଜ୍ୟର ଯୁଗ୍ମ ବୈଷୟିକ ରିପୋର୍ଟକୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ କେନ୍ଦ୍ରଭୁକ୍ତ କରିବା ପରେ ଏହା ପଦାକୁ ଆସିଛି । ତେବେ ଟ୍ରିବ୍ୟୁନାଲଙ୍କ ରାଜୟାର ପ୍ରୟାସ ସତ୍ତ୍ୱେ ଦୀର୍ଘ ଦଶନ୍ଧି ଧରି ଯେଉଁ ଜଳପ୍ରବାହ ଓ ଜଳ ଉପଲବ୍ଧତା ରିପୋର୍ଟକୁ ନେଇ ଓଡ଼ିଶା ଓ ଛତିଶଗଡ଼ ସରକାର ମଧ୍ୟରେ ସହମତି ହେଉନଥିଲା ହେଉନଥିଲେ ଏବେ କେଉଁ ଫର୍ମୁଲା ଆଧାରରେ ଦୁଇ ରାଜ୍ୟର ସରକାର ସହମତି ହେଇଛନ୍ତି ତାହା ଏବେ ତର୍ଜାର ବିଷୟ ପାଲଟିଛି । ଏପରିକି ପ୍ରଥମଥର ପାଇଁ ପ୍ରସ୍ତୁତ ଏହି ଯୁଗ୍ମ ବୈଷୟିକ ରିପୋର୍ଟକୁ ଭରସା ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ରହିଥିବା ମଧ୍ୟ ଜଣାପଡ଼ିଛି । ଏପରିକି ଟ୍ରିବ୍ୟୁନାଲରେ ବାଖଲ ହୋଇଥିବା ପରିସଂଖ୍ୟାନକୁ ଏବଂ 'ଗାଣିତିକ ଚକ୍ରବ୍ୟୁହ' କହି ପ୍ରଶ୍ନ ଉଠାଇଛି ମହାନଦୀ ବଂଚାଅ ଆନ୍ଦୋଳନ କମିଟି । ମହାନଦୀ(Mahanadi) ଜଳ ଟ୍ରିବ୍ୟୁନାଲଙ୍କ ପାଖରେ ଦାଖଲ ହୋଇଥିବା ଯୁଗ୍ମ ବୈଷୟିକ ରିପୋର୍ଟରେ ୧୯୮୦-୮୧ ରୁ ୨୦୧୮-୧୯ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୯ ବର୍ଷର ତଥ୍ୟକୁ ଆଧାର କରି ମହାନଦୀର ହାରାହାରି ଜଳ ପ୍ରବାହ ସ୍ଥିର କରାଯାଇଛି । ହୀରାକୁଦ ବନ୍ଧ ପର୍ଯ୍ୟନ୍ତ ମହାନଦୀରେ ଆସୁଥିବା ବାର୍ଷିକ ହ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସମସ୍ତଙ୍କ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୫ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨


## ଛାତ୍ର ଛାତ୍ରୀଙ୍କୁ ଲକ୍ଷ୍ମୀ ବସରେ ଯିବା ଆସିବା ପାଇଁ ଜିଲ୍ଲାପାଳଙ୍କ ସୁପାରିଶ

କଳାହାଣ୍ଡି, ୪/୫ (ଆ.ପ୍ର) : ଆଜି ସୋମବାର ଦିନ କଳାହାଣ୍ଡି ଜିଲ୍ଲା ପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା, ଏହି ଅବସରରେ ଜିଲ୍ଲାପାଳ ପାଣ୍ଡାର ଗଠିନ ପ୍ରକାଶ୍ୟ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା ବେଳେ କଳାହାଣ୍ଡି ଜିଲ୍ଲା ଏସପି ନାଗ ରାଜ ଦେବର କୁଣ୍ଡା, ଜିଲ୍ଲା ପରିଷଦ ନିର୍ବାଚା ଅଧିକାରୀ (ପିଡି) ସମୀରା ରଞ୍ଜନ ପ୍ରଧାନ, ଡେପୁଟି କଲେକ୍ଟର ଲମ୍ବୋଧର ନାଇକ, ଧର୍ମଗଡ଼ ଉପ ଜିଲ୍ଲାପାଳ ପୁଷ୍ପା ଅଗ୍ରୱାଲା ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ, ଏହି ଅବସରରେ ଗୋଲାମୁଣ୍ଡା ବ୍ଲକର ଆଦର୍ଶ ବିଦ୍ୟାଳୟ ଓ କଲେଜର ପ୍ରାୟ ଅଧିକାଂଶ ଛାତ୍ର ଛାତ୍ରୀ ସକାଳ ସମୟରେ ଲକ୍ଷ୍ମୀ ବସରେ ଯାଇ ଆନ୍ତି, ସେହି ଲକ୍ଷ୍ମୀ ବସ ଅପରାହ୍ନ ଏକଟା ତିରିଶ ମିନିଟ ସମୟରେ ଗୋଲାମୁଣ୍ଡାରୁ ଫେରି ଆସି ଥାଏ, ଏଙ୍କା ଫଳରେ ଛାତ୍ର ଛାତ୍ରୀ ମାନେ ଲକ୍ଷ୍ମୀ ବସ ନ ପାଇ ଅନେକ ପ୍ରକାର ଅସୁବିଧା ଦେଖା ଦିଏ ଥାଏ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା, ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ବ୍ୟବସାୟିକ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଣବ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଶ୍ରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଗ ଶୁଣାଣି କରିଥିଲେ । ଦିବାଗାଧ୍ୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ସୁବିଧାସୁରେ ଦୈନିକ ଯିବା ଆସିବା କରିବା ସହ ଶିକ୍ଷାଦାନରେ ଉପଯୁକ୍ତ ହୋଇ ପାରିବେ ବୋଲି କଳାହାଣ୍ଡି ଜିଲ୍ଲା ପାଳଙ୍କୁ ଜଣାଇ ଥିଲେ, ଏହି ଆପତ୍ତିକୁ ଚିଡିଆ ଗ୍ରାମ ପଂଚାୟତ ସରପଂଚ ମଦନ ପଟେରେ ଟେମରି ସରପଂଚ ଲକ୍ଷ୍ମୀ ସା, ଦଶପୁର ସରପଂଚ ରଂଜନ କୁମାର ସାହୁ, ଫରଙ୍ଗ ସରପଂଚ ହିରାବତି ଗୋଇ, ସୁଖା ସରପଂଚ ଧନଜୟ ସାହୁ ପ୍ରମୁଖ ସମର୍ଥନ କରି ଥିବା ବେଳେ ଅଭିଭାବକ ଲେଖରୀ ସୁନାଳୀ, କୁଜୁ ନାଇକ,ଓ ବ୍ୟସ୍ତ ସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତି ଜିଲ୍ଲାପାଳଙ୍କୁ ଜଣାଇବାକୁ ଜିଲ୍ଲାପାଳ ବୁଲକ ବିଭାଗୀୟ ଅଧିକାରୀ OSRTC କୁ ନିର୍ଦ୍ଦେଶ ଦେଇ ଥିଲେ, OSRTର ଗିରିଧାରୀ ବାଗ ଆଗାମି ଦିନରେ ନିୟମ ଲକ୍ଷ୍ମୀ ବସରେ ଛାତ୍ର ଛାତ୍ରୀ ଦୈନିକ ଯାତ୍ରା ପାଇବେ ବୋଲି ଜିଲ୍ଲାପାଳଙ୍କ ଆଦେଶକୁ ପାଳନ କରି ଥିଲେ, ହେଲେ ଦେଖେବାକୁ ବାକି ରହିଲା ଲେବେ ଛାତ୍ର ଛାତ୍ରୀଙ୍କୁ ଲକ୍ଷ୍ମୀ ବସ ସେବା ଦେବ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି ।

## ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୪/୫ (ଆ.ପ୍ର) : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧିଷ୍ଠିର ମାଂଝି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୧୯୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ଜିଲିପ ପାଣ୍ଡି ଗୁ ସହାୟତା ନିମନ୍ତେ ୪୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୫୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଜନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେବୁରୀ, ଉପଯୋପଖଣ୍ଡ ଆରକୀ ଅଧିକାରୀ ଶ୍ରୀ ପ୍ରଣାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଶ୍ରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଂଘଉପୁର ବ୍ଲକର ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା ।

## 'ସୁଗୃହିଣୀ କେବଳ ଗୃହର ମେରୁଦଣ୍ଡ ନୁହେଁ ବରଂ ରାଷ୍ଟ୍ର ଗଠନରେ ମୁଖ୍ୟ ଆଧାର'

ଭଦ୍ରକ, ୪/୫ (ଆ.ପ୍ର) : ଜଣେ ଗୃହିଣୀ ଜାୟା, ଦୋହୂ, ଜନନୀ, ଭାଉଜ, ଯାଆ ଭଳି ବହୁ ଭୂମିକାରେ ଗୃହରେ ଅବତୀର୍ଣ୍ଣ ହୁଏ ଏବଂ ପରିବାରର ସମସ୍ତ ସଦସ୍ୟ, ସହଯୋଗୀଙ୍କ ମନ ନେଇ ଘରର ମେରୁଦଣ୍ଡ ସାଜିବା ସହ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କରେଗୋ କଳାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭଦ୍ରକ ସହର ପକ୍ଷରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା ପୌରୋହିତ୍ୟ କରିଥିଲେ ଏବଂ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ, ଚନ୍ଦ୍ରିମାନାୟକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା । ଏହି ସମାଗୋଳରେ ସେବା ନିବୃତ୍ତ ପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶିକ୍ଷସିଦ୍ଧ ଡମ୍ପିଙ୍ଗ ପଣିଗ୍ରାହୀ ମୁଖ୍ୟ ବକ୍ତା, ଲେଖକ ବିଶେଷଜ୍ଞ ଲାବଣ୍ୟଶ୍ରୀ ପଣ୍ଡା ବିଶିଷ୍ଟ ଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପଡ଼ୀ ଓ ସଂଗଠିକା ନାଳିମା ରାୟ ସମ୍ମାନନୀୟ ଅତିଥି ଏବଂ କବୟିତ୍ରୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଦେବେନ୍ଦ୍ରା ପଣ୍ଡାଙ୍କ ସ୍ମୃତିରେ ଦ୍ୱିତୀୟ ସନ୍ଧ୍ୟା ମଂଚକୁ ଉତ୍ସର୍ଗ କରାଯାଇଥିଲା । ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକର ସଭାନେତ୍ରୀ ସଂଯୁକ୍ତା ବହ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, ଅଧିବକ୍ତା ଅଞ୍ଜୁ ଦାସ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ଶ୍ରୀମତ୍ୟ ଗାମ୍ଭୀରାଗାଣ୍ଡ ମାଳିକ ସ୍ମୃତର ଭାଷଣ ସଂଗ୍ରାହ ପରିବେଷଣ କରିଥିଲେ ଓ ରାଜନଗର ଝିଟିପିରି ଦ୍ୱାଦାଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବର ସଭାପତି ଡଂ. ଅରୁଣ ଚୂଡ଼ାର, ସମ୍ପାଦକ ଉଦିନାରାୟଣ ଝାଲାର, ଆବାହକ ଅଧ୍ୟକ୍ଷ ନନ୍ଦାର ରାଞ୍ଜନ ଜର, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ବଣ୍ଟାଦିନା ଅଞ୍ଜନା ମିଶ୍ର ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ । ଭଦ୍ରକର ଲଳିତ କଳା ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସୋମନାଥ ପୁଜାରି ହେଲେ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସମ୍ପାଦକ

ପାପଡାହାଣ୍ଡି, ୪/୫ (ଆ.ପ୍ର) : ନବରଙ୍ଗପୁର ସାଂସଦଙ୍କ ପାପଡାହାଣ୍ଡି ବ୍ଲକ ପ୍ରତିନିଧି ତଥା ଗତ ସାଧାରଣ ନିର୍ବାଚନରେ ଡାବୁଗାଁରୁ ବିଜେପି ପ୍ରାର୍ଥୀ ହୋଇଥିବା ଶାନ୍ତ, ସଜନ, ମିଷ୍ଟାରାଖି, ଡଳର ଯୁବ ଚେହେରା ସୋମନାଥ ପୁଜାରିଙ୍କୁ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସମ୍ପାଦକ ଭାବେ ମନୋନୀତ କରାଯାଇଛି ଏହି ନୂତନ ନିଯୁକ୍ତି ପାଇଁ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ,ସ୍ଥାନୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ , ସାଂସଦ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ପଶୁପତୀ ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରାଗାଁ ବିଧାୟକ ନରସିଂହ ଭତରା, ଜିଲ୍ଲା ବୃତନ୍ତ ଉନ୍ନୟନ ପରିଷଦ ଉପସଭାପତି ଲିଙ୍ଗରାଜ ଭତରା, ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସଙ୍କ ସହିତ ସ୍ଥାନୀୟ ବିଜେପି ନେତୃତ୍ୱକୁ ଧନ୍ୟବାଦ ଦେଇଛନ୍ତି ଏବଂ ଏହି ନୂତନ ପଦବୀରେ ସେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିବେ ବୋଲି କହିଛନ୍ତି ।

## ବନ୍ୟପ୍ରାଣୀ ଶିକାର ପାଇଁ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ୩ଟି ଦେଶୀ ବନ୍ଧୁକ ଜବତ

ଦାଶୁଗୁଡା, ୪/୫ (ଆ.ପ୍ର) : ଲଙ୍କମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାଶିଗଡାଡି ଅଞ୍ଚଳ ଅଧିନସ୍ଥ ପର୍ବତମାଳା ଜଙ୍ଗଲ ମଧ୍ୟରୁ ୩ଟି ଦେଶୀ ଟିଫାରି ବନ୍ଧୁକ ଜବତ କରାଯାଇଛି । ଘଟଣାକୁ ପ୍ରକାଶ ଯେ, ଦାଶିଗଡାଡି ପୋଲିସ ପାଟ୍ରୋଲିଙ୍ଗ କଲାବେଳେ ସମୟରେ କୌଣସି ସୂତ୍ରରୁ ଖବର ପାଇ ପର୍ବତମାଳା ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଇ କରି ୩ଟି ଦେଶୀ ଟିଫାରି ବନ୍ଧୁକ ଜବତ କରାଯାଇଛି । ପ୍ରାରମ୍ଭିକ ତଦନ୍ତରୁ ଜଣାଯାଇଛି ଯେ, ଏହି ବନ୍ଧୁକ ଗୁଡିକୁ ବନ୍ୟପ୍ରାଣୀଙ୍କୁ ଅବୈଧ ଭାବେ ଶିକାର କରିବା ସହିତ ଅନ୍ୟାନ୍ୟ ଅବୈଧ କାର୍ଯ୍ୟ ପାଇଁ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିଲା । ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି କରିଥିବାବେଳେ, ଏହି ଘଟଣା ରେ ଜଡିତ ଥିବା ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନ ସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଦାଶିଗଡାଡି କେଶ ନଂ. ୧୦୬/୨୬ ଅନୁଯାୟୀ ଅସ୍ତ୍ରଶସ୍ତ୍ର ଆଇନ ୨୫(୧-ବି)(ଏ) ଅଧୀନରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ଥିବା ପୋଲିସ ପ୍ରକାଶ କରିଛି ।

## ବଣାଇ ବିଜେପି ମଣ୍ଡଳ ସ୍ତରୀୟ ପ୍ରସ୍ତୁତି ବୈଠକ

ବଣାଇଁ, ୪/୫ (ଆ.ପ୍ର) : ବଣାଇ ଭାରତୀୟ ଜନତା ପାର୍ଟି ମଣ୍ଡଳ ତରଫରୁ ସମନ୍ୱିତ ଆଦିବାସୀ ଜନ୍ନୟନ ସଂସ୍ଥା ସଭାଗୃହ ପାଖେ ମଣ୍ଡଳ ସ୍ତରୀୟ ବୈଠକ ମଣ୍ଡଳ ସଭାପତି ମିଥୁନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଭାରତଜେଳା ବିଜେପି ଜିଲ୍ଲା ସମ୍ପାଦକ ତଥା ବଣାଇ ମଣ୍ଡଳ ପ୍ରଭାରୀ ଜୟନ୍ତୀ ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବଣାଇ ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡ଼ଦିଆ, ନୃପମଣି ଛାଉଣି ଯୋଗ ଦେଇ ଭାରତମାତାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ ଓ ଧୂପ ଦେଇ ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ବଣାଇ ନିର୍ବାଚନ ମଣ୍ଡଳକୁ ଜିତାଇ ବିଜେପି ଦଖଲ କରିବ ସେହି ବିଷୟରେ ଆଲୋଚନା ହୋଇଥିଲା ଏବଂ ପ୍ରତ୍ୟେକ ସଂଗଠନକୁ ନୂତନ ସଂଚାୟତ ପାଇଁ ସଂଚାୟତ ପ୍ରସ୍ତୁତ ଓ ସଂଚାୟତ ପ୍ରଭାରୀଙ୍କ ବାଛିବୁ ଉପରେ ଭାରତଜେଳା ଜିଲ୍ଲା ସମ୍ପାଦକ ତଥା ବଣାଇ ମଣ୍ଡଳ ପ୍ରଭାରୀ ଜୟନ୍ତୀ ମହାନ୍ତ ଆଲୋଳପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଶିଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଉପ ସଭାପତି ମୋହିନୀ ସାହୁ, ସୌଦାମିନୀ ବଳ ବେହେରା, ପ୍ରକାଶ୍ୟ ପ୍ରଧାନ, ହିମାଂଶୁ ଶେଖର ସାହୁ, ଅନିତା କୁଜିର, ସନ୍ତୋଷ କୁମାର ପାତ୍ର, ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡ଼ଦିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚଷୁ ବିଭାଗ ଗୃହରେ ସୁପରିଟେଣ୍ଡେଣ୍ଟଙ୍କ ଅଫିସ୍ !

ଦଶପଲ୍ଲା, ୪/୫ (ଆ.ପ୍ର) : ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିସରରେ ଥିବା ରୋଗୀଙ୍କ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ପାଇଁ ଲଭିଷ୍ଟ ଗୃହକୁ ସୁପରିଟେଣ୍ଡେଣ୍ଟ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯିବା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ଗୃହ ଥାଉ ଥାଉ କାହିଁକି ସେହି ଚକ୍ଷୁ ବିଭାଗ ଗୃହକୁ ବଛାଗଲା, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚା ସୃଷ୍ଟି ହୋଇଛି । ଏଥିଦ୍ୱାରା ଚକ୍ଷୁ ରୋଗୀମାନେ ନାହିଁ ନାହିଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ବିଭାଗ ନିଜର ନିର୍ଦ୍ଧାରିତ ସ୍ଥାନରେ କାର୍ଯ୍ୟ କରିବା କଥା, ମାତ୍ର ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଏହି ଓଲଟା ଚିତ୍ର ଉଚ୍ଚପଦସ୍ଥ ଅଧିକାରୀଙ୍କ ନଜରକୁ କିଭଳି ଆସୁନାହିଁ, ତାହା ଆଶ୍ଚର୍ଯ୍ୟର ବିଷୟ । ଏହି ସମସ୍ୟାର ତୁରନ୍ତ ସମାଧାନ କରି ଚକ୍ଷୁ ବିଭାଗ ଗୃହକୁ ରୋଗୀସେବା ପାଇଁ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ଏକ ଦିବସୀୟ ଦିବାରାତ୍ର ବାଲୁଙ୍କେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଂଟ, ଶାଳଝରିଆ ଚମ୍ପିୟାନ

ଖଣ୍ଡପଡ଼ା, ୪/୫ (ଆ.ପ୍ର) : ଖଣ୍ଡପଡ଼ା ସହରର ରାମଚନ୍ଦ୍ର ଭଞ୍ଜ ବି ବି ୟା. ଜ ଯ କ୍ରୀଡାଙ୍ଗନରେ ପ୍ରଥମ ଦିବାରାତ୍ର ବାଲୁଙ୍କେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟନ କରାଯାଇଛି । ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଂଟର ଗାଢନାଲ ମ୍ୟାଚରେ ଜୟ ଜଗନ୍ନାଥ କ୍ରିକେଟ କ୍ଲବ ଶାଳଝରିଆ ୨୨ ରନରେ ଆୟୋଜକ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରି ଚଳିତ ବର୍ଷ ଚମ୍ପିୟାନ ହୋଇଥିବା ଜଣାପଡିଛି । ଟସ ଜିତି ଶାଳଝରିଆ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୩ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା । ଜବାବରେ ଆୟୋଜକ ଟିମ ୭ ଓଭରରେ ୨ ୱିକେଟ ହରାଇ ମାତ୍ର ୭୩ ରନ କରିବାକୁ ସକ୍ଷମ ହୋଇଥିଲା । ସୁମନ୍ତ ବେହେରା ଓ ପ୍ରକାଶ ସାହୁ ମ୍ୟାଚକୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ଗୌରାଙ୍ଗ ଚରଣ ଦେଓ। ଯୋଗ ଦୋର୍ଚ ପାଣ୍ଡା ଦ୍ୱାରା ଚୁଲାଇ ଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଯୁବ ମୋର୍ଚ୍ଚା ବିଜେପି ସଭାପତି ଅଭିଳାଷ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ଝିଂହ ମର୍ଦ୍ଦରାଜ, ବିଜେଡି ନେତା ବେଣୁଧର ପ୍ରଧାନ, ଶିଶୁ କବି ଜାଶିନାଥ ଦାସ ଯୋଗ ଦେଇ ଉତ୍ତମ ଦଳର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଚମ୍ପିୟାନ ଓ ରନର୍ସ ଅପ ଟିମକୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଆୟୋଜକ ଟିମର ଖେଳାଳୀ ଜଗନ୍ନାଥ ପ୍ରଧାନଙ୍କୁ ମ୍ୟାନ ଅଫ ଦ ସିରିଜ ଓ ଚମ୍ପିୟାନ ଟିମର ଖେଳାଳୀ ବେଣୁଧର ମହାଳଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ବାଲୁଙ୍କେଶ୍ୱର କ୍ରିକେଟ କ୍ଲବର ସଭାପତି ଶୁଭାଶ୍ର କୁମାର ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ ଲିଙ୍ଗରାଜ

ଶ୍ରମିକର
# ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୫ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

## କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଦୁଇଟି ପୁସ୍ତକ ପାଠକାର୍ପଣ

ଖପରାପଦା, ୦୪/୦୫(ଆ.ପ୍ର) : ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଦୁଇଗୋଟି ଗଳ୍ପ ପୁସ୍ତକ ରବିବାର ଜାଲିଆପାଳ ସ୍ଥିତ ଦୁର୍ଗା କଲ୍ୟାଣ ମଣ୍ଡପରେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଡକ୍ଟର ଝାଡ଼େଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉପଘାତିକା ଭାବେ ମାନନୀୟା ବକ୍ତା ବିଧାୟିକା ତଥା 'ରେବତୀ' ପତ୍ରିକାର ସମ୍ପାଦିକା ସୁଚାସିନୀ ଜେନା ଓ ମୁଖ୍ୟ ଅତିଥି ଭାବେ ପ୍ରାଧାପକ ଟିପିନ ବିହାରୀ ବିଶ୍ୱାଳ ପୁସ୍ତକ ଦ୍ୱୟ ପାଠକାର୍ପଣ କରିଥିଲେ କ୍ଷୁଦ୍ରଗଳ୍ପ ସମୀକ୍ଷକ ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦୟାନିଧି ସାହୁ ଓ ସୁସାହିତ୍ୟିକ ଡକ୍ଟର ଜାଳିଜିଜଳର ଦାସ ଗଳ୍ପ ସଂକଳନ- 'ନଷ୍ଟଶୀତା'ର ସାର୍ଥକ ସମୀକ୍ଷା କରିଥିଲେ । ଦ୍ୱିତୀୟ ପୁସ୍ତକ ଶିଶୁ ଗଳ୍ପ 'ଝିଡ ଜାହାଣୀ' ଅଧ୍ୟାପକ ନିରାଞ୍ଜନ ବେହେରା ଓ ଶିକ୍ଷିକା ଲୟନି ବେହେରା ସୁନ୍ଦର ସମୀକ୍ଷା କରିଥିଲେ । ବିଶିଷ୍ଟ ଅତିଥି ଭାବେ କବି ସୁକୁମାର ଦାସ, ଖଗରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକ, ଡାକ୍ତର ଶ୍ରୀକାନ୍ତ ମହାନ୍ତି, ଲଂଚାଳୀ ଅଧ୍ୟାପକ ଖିଷେଶ୍ୱର ପଣ୍ଡା, ଡକ୍ଟର ବିଜୟ କୁମାର ଦେ, ପ୍ରାଧାପକ କୁଞ୍ଜକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ କବି ଗିରିଙ୍କ ସାରସ୍ୱତ ବଳୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନାପାତ କରିଥିଲେ । ପ୍ରଥମେ ଡକ୍ଟର ଉଷ୍ଣିତା ମହାପାତ୍ର ଓ ଡକ୍ଟର ଜାଗ୍ରତି ପ୍ରିୟଦର୍ଶିନୀ ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିଥିବା ବେଳେ, ଜଗଦର ନାଥ ଜଗନ୍ନାଥଙ୍କ ପଦକଞ୍ଜରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କାଳରେ ସୁଶ୍ରୀ ଚଂଚିତା ବେହେରା ଦେବମାର ପାଠ କରିଥିବା ବେଳେ ଲକ୍ଷ୍ମୀପ୍ରିୟା ପରିଡା ସ୍ୱାଗତ ସଂଗୀତ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଝାନ୍ଦ୍ରାରାଣୀ ମଲ୍ଲିକ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡିଶୀ ନୃତ୍ୟ ପ୍ରଦର୍ଶନ କରାପରେ ସମୀକ୍ଷା ପର୍ବ ଆରମ୍ଭ ହେଲା । କବି ଲେଖକୀୟ ଅର୍ଘ୍ୟଦ୍ୱାରା ପ୍ରଦାନ କରାପରେ ଅଗିର ପୁସ୍ତକକୁ ମିଶାଇ ଏହା କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ୪୪ ଓ ୪୫ତମ ପୁସ୍ତକ ଜାଣି ବିସ୍ମିତ ହୋଇଥିଲେ । ନାଟ୍ୟକାର ଅଜିତାବ୍ଧ ମଣ୍ଡଳ, ସୁଶାନ୍ତ ମହାନା, ରଞ୍ଜନ ଘୋଷ, ସନ୍ୟାସୀ ବେହେରା, ପ୍ରଫୁଲ୍ଲ ବାଗ, ଅଜୟ ପରିଡା, ପ୍ରକାଶ ରଞ୍ଜନ ପ୍ରଧାନ, ସାଧାରିକ ଅଜୟ ସାହୁ, ପଙ୍କଜ ସାହୁ, ବାଙ୍ଗ କବି ଅର୍ଦ୍ଦେନ୍ଦୁ ପାଶିଗ୍ରାହ

ଦୈନିକ
# ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୫ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

# ସମ୍ପାଦକୀୟ...

## ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ

ଏକଦା ଏଇ ଭାରତ ବର୍ଷର ସମୃଦ୍ଧ ସଂସ୍କୃତି, ମହାନ୍ତ ପରମ୍ପରା, ନିଜସ୍ୱ ମୌଳିକତା, ସୌଖିକ ବିଚାର, ଆଦର୍ଶ ଓ ମୂଲ୍ୟବୋଧଭିତ୍ତିକ ନିରପେକ୍ଷ ପ୍ରଶାସନ, ଦୃଢ ସଂଜ୍ଞା, ସ୍ୱଚ୍ଛ ଚରିତ୍ରବତା, ସତ୍ୟନିଷ୍ଠ ଆଚରଣ, ତ୍ୟାଗ, ତପସ୍ୟା, ଇସ୍ପାତୀକୃତ ବଳିଷ୍ଠଭାବର ମଜବୁତତା, ସ୍ୱାଭିମାନର ଜଜ୍ବାଙ୍କ ପରାଜାଷା ଏଇ ଦେଶରେ ବ୍ୟକ୍ତି ଜୀବନ ଓ ସାମୁହିକ ଜୀବନର କୁଳନ୍ତ ଅଗ୍ନିଶିଖା ପରିସ୍ଫୁଟ ଓ ଜାଜ୍ୱଲ୍ୟମାନ ଥିଲା । କିନ୍ତୁ ପରମ ଦୈବଦୁର୍ବିପାକ ଆମ ଦେଶ, ଗ୍ରାମ୍ୟ ପରେ ପରେ ଆକ୍ରବୀୟଙ୍କ ଦ୍ୱାରା ପରାଭୂତ, ମଙ୍ଗୋଲିୟ ମୋଗଲମାନଙ୍କ ଦ୍ୱାରା ବହୁବର୍ଷ ଅଧିକୃତ ଓ ପଠାଣ ଆଫଗାନମାନଙ୍କ ଦ୍ୱାରା ବର୍ବରୋଚିତ ଭାବେ ନିର୍ଯାତିତ, ହେବାପରେ ଇଂରେଜମାନଙ୍କ ଦ୍ୱାରା ପ୍ରାୟ ଦେଢଶହରୁ ଊର୍ଦ୍ଧ୍ୱ ବର୍ଷ ଶାସନାଧୀନ ରହିଲା । ଅଧୁନା ୫୨ ବର୍ଷତିରୁ ଊର୍ଦ୍ଧ୍ୱ ବର୍ଷର ଏକ ବିଶୃଙ୍ଖଳିତ ବିପର୍ଯ୍ୟସ୍ତ ସମାଜ ନିଜର ଅସ୍ତିତ୍ୱ ଖୋଜି ବୁଲୁଛି । ପ୍ରାୟ ଏକ ହଜାର ବର୍ଷ ବିଦେଶୀମାନଙ୍କ ଦ୍ୱାରା ଶାସିତ ଓ ପ୍ରତାଡିତ ହେବା ଫଳରେ ନିଜସ୍ୱ ମୌଳିକତା, ଅସ୍ମିତା କ୍ଷୁଣ୍ଣ ଓ ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ । ବିଶୃଙ୍ଖଳିତ ଅସଜଡ଼ା ପରିବେଶରେ ମଧ୍ୟ ଆର୍ଯ୍ୟଭୂମି ଦୈବିକ ସଙ୍ଗୀତର ଶାଶ୍ୱତ ମଧୁର ଆହାଦନି ମନ୍ତ୍ର ଏବେ ମଧ୍ୟ ପ୍ରତିଧ୍ୱନି କରେ । ସନାତନ ଆର୍ଯ୍ୟ ସଂସ୍କୃତି ଉପରେ ବୁଝାକୁ ବୁଝା ଅନୁପ୍ରବେଶକାରୀ ଓ ବିଦେଶୀ, ଶତ୍ରୁ, ପ୍ରଭାବ କରିଥିଲେ ଢେଁ ପତନୋନ୍ମୁଖ ଅମେ ପୁନର୍ବାର ମୁଖ ଦେଖିଲାଭଳି ଏଇ ଅନାଦି ଆର୍ଯ୍ୟ ସଂସ୍କୃତି ବିସ୍ମୃତ ଉନ୍ମୁସ୍ତ ହେବା କଷ୍ଟକର ଅଟେ । ବର୍ତମାନ ମଧ୍ୟ ବିଶ୍ୱସ୍ତ ଭାବରେ ଆଜିର ଅପସଂସ୍କୃତି ଆବୃତ୍ତାଳରେ ଏଇ ଅକ୍ଷର ସଂସ୍କୃତି ତିଷ୍ଠି ରହିଛି । କିନ୍ତୁ ପ୍ରଶ୍ନ ଉଠେ କିଏ ସେଇ ଉତରାଧିକାରୀ ଆର୍ଯ୍ୟବଂଶୀ ଜରତ ? ଭାରତର ଗତ ଗୌରବ, ଦୃଢ ସଂସ୍କୃତିକୁ ଉଜ୍ଜିବିତ କରି, ସଂଗଠିତ କରି, ଏକ ମହାନ ସମୃଦ୍ଧଶାଳୀ ରାଷ୍ଟ୍ରର ପରମ୍ପରା ରକ୍ଷା କରିବ କିଏ ? ଆଧ୍ୟାତ୍ମିକତା, ସଂସ୍କୃତ ଭାଷା ଓ ଗାନବତାବାଦୀ ସଂସ୍କୃତି, ମୋଗଲ ଟଂରେଜ ମାନଙ୍କ ଶାସନ କାଳରେ ଅପଭ୍ରଂଶ ହେବା ଫଳରେ ଭାରତ ବର୍ଷର ବେଦଭାଷା ଓ ଆଧ୍ୟାତ୍ମିକତାର ଉତ୍କର୍ଷତା ଓ ମାନବବାଦ ଧ୍ୱସ୍ତ ହେଲା । ଆଜି ଦେଶର ବରିଷ୍ଠ, କନିଷ୍ଠ, ଦ୍ୱିଜ, ଅଜ୍ଞ ନାଗରିକ ଲକ୍ଷ୍ୟହୀନ ହେଇ ଦିଗ ନିର୍ଣ୍ଣୟ କରି ନ ପାରିଲା ଭଳି ଦୟନୀୟ ଅବସ୍ଥାରେ ନିଜ ଚକ୍ରପ୍ରାଣରେ ନିଜ ରାସ୍ତା ଅଣ୍ଡାଳୁଛନ୍ତି । ବର୍ତମାନ ରାଷ୍ଟ୍ରର ପରିସ୍ଥିତି ଅନୁଧ୍ୟାନ କରି, ସାଂସ୍କୃତିକ, ସାମାଜିକ ଦ୍ୱନ୍ଦ୍ୱସ୍ତ ବିଶ୍ଳେଷଣ କଲେ ଅନ୍ୟାବଧ୍ୟ ଭାରତଦର୍ଶନ ଶାସନ ପ୍ରଣାଳୀ, ଆସନ ସଂଗଠି, ସାମାଜିକ ଅବ୍ୟବସ୍ଥା, ଅନାବର୍ଣ୍ଣର ପ୍ରତିଯୋଗିତା, ଧାର୍ମିକ ବିଦ୍ୱେଷତା, ପ୍ରଜ୍ଞାନ୍ତ ଭାବରେ ପରିସ୍ଫୁଟ । ଧର୍ମ ନିରପେକ୍ଷ ମାନବବାଦୀ ଏକ ରାଷ୍ଟ୍ର, ହିଂସା, ଉଗ୍ରବାଦ, ଜାତିବାଦର ଜର୍ଜରିତ ଏବଂ ଗୋଷ୍ଠୀଗତ, ନିଜ ନିଜ ସ୍ୱାର୍ଥ ସଂଜ୍ଞାରେ ରକ୍ତପୁଷ୍ଟ ଅବିରତ ହୋଇ ସମାଜ ଓ ଦେଶକୁ ନଷ୍ଟ କରିବା ପାଇଁ ବ୍ୟସ୍ତ ଓ ଚେଷ୍ଟିତ। ଯେଉଁ ଯୁଦ୍ଧ ସମାଜ ବିଦେକାନନ୍ଦଙ୍କର ଆଧ୍ୟାତ୍ମିକତା, ସୁଭାଷ ବୋଷଙ୍କର ରାଷ୍ଟ୍ରଭକ୍ତି ଓ ସଂଯୋଜନାରେ ଜାତିକୁ, ଚରିତ୍ରକୁ ଗୌରବାନ୍ୱିତ କରି ପାରିଥାନ୍ତା, ଆଜି ସେଇ ଯୁବପିଢି, ଦିଶାହୀନ, ଉଦ୍‌ଭ୍ରାନ୍ତ ଓ ଅସହାୟ, ପଙ୍ଗୁ, ଅନ୍ତର୍ଘାତଶୂନ୍ୟ । ଆଜିର ବିପର୍ଯ୍ୟସ୍ତ ସମାଜ, ଦୁର୍ନୀତି, ଜାତି, ଧର୍ମ, ସମ୍ପ୍ରଦାୟ ଓ ଶ୍ରେଣୀ ସଂଘର୍ଷରେ ଜଡ଼ିତ ହେବା ଫଳରେ ମାନବବାଦୀ ସୁନ୍ଦର ଶୋଷଣମୁକ୍ତ ସମାଜ କଳ୍ପନା ସୁଦୂର ପ୍ରସାରି ହୋଇଯାଇଛି । ଯୁବପିଢି ସାମନାରେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ମାର୍ଗ ନାହିଁ ଯାହା ପଜରେ ସମାଜକୁ ସୁଧାରିବାରେ ସହାୟକ ହେବ । ଭାରତ ବର୍ଷର, ସାଂପ୍ରତିକ ପରିସ୍ଥିତି ଆଜି ଅନୁଚିନ୍ତାର ବିଷୟ । ଜ୍ଞାନଜୋତରେ ଉତ୍ତଭାଷିତ, ଜୋତିଷ୍ମତ୍ତିକ ପ୍ରକାରେ ଆଲୋକିତ, ମାନବବାଦୀ, ମହାନ ଦର୍ଶନରେ ସମାହିତ, ଭାରତବର୍ଷ ଆଜି ଏକ ଦୁର୍ଦ୍ଦଳ, ପଶ୍ଚିମ ସଭ୍ୟତାରେ ଉନ୍ମତ୍ତ, ବିଭ୍ରାନ୍ତ ଯୁବପିଢି ଜାତରେ ଗୋଡୁଳମାନ ଅବସ୍ଥାରେ ରହିଛି ।

## ଜୟ ଗଣେଶ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ପାର୍ବତୀ ମାଆଙ୍କ ପୁଅକୁ କୋଟି ପ୍ରଣାମ, କଥିତ ଭାଷାକୁ ସେ ଲିଖିତ ଭାଷାରେ ପରିଣତ କରିବା ବ୍ୟକ୍ତି ମାନଙ୍କ ମଧ୍ୟରେ ହୁଏତ ସେ ପ୍ରଥମ ପ୍ରବର୍ତକ । ସବୁବେଳେ ସବୁ ଆରମ୍ଭରୁ ଶ୍ରୀଗଣେଶ କୁହାଯାଏ । ଅଦ୍ୟବଧ ଶୁଣି ଶୁଣି ମନେ ରଖିବା ଶାସ୍ତ୍ର ଜ୍ଞାନ, ଶ୍ରୁତିଶାସ୍ତ୍ର ଯାହା ବେଦ ଆଉ ପୁରାଣ, ମହାଭାରତ, ଭାଗବତ ଏକଦା ଶୁଣାର ଶାସ୍ତ୍ର ଥିଲା । ଭାଗବାନ ବ୍ୟାସଦେବ ଏହାକୁ ସମ୍ପୂର୍ଣ୍ଣ ଲିପିବଦ୍ଧ କରି ଭବିଷ୍ୟତରୁ ସ୍ଥାୟୀ କିପରି ଲୋକଚିତ କରି ଲୋକରେ ଆସକୁ ଆଗ ଆମୁଖିବା ଜିଜ୍ଞାସୁମାନଙ୍କୁ ସ୍ଥାୟୀ ଶାସ୍ତ୍ରର ଧାରାକୁ ତତ୍ ସମୟରେ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରି ପ୍ରକୃତିକୁ ରକ୍ଷା କରିପାରିବେ, ବଂଶବୃଦ୍ଧ ରାଖା ପାଇପାରିବେ । ଏତେ ଗୁରୁତ୍ୱ ବିଷୟକୁ ଲିଖିତ ଭାଷାରେ କ୍ଷିପ୍ର ଲେଖିବା ବ୍ୟକ୍ତି ଖୋଜରେ ଗଣେଶ ହିଁ ତାଙ୍କୁ ମିଳିଥିଲେ । ଗଣେଶ ସର୍ବଦା ଯୁକ୍ତ ଶକ୍ତିର ପଥପ୍ରଦର୍ଶକ । ବ୍ୟାସ ଦେବଙ୍କ ଜନ୍ମ ଦିନ ଆଷାଢ଼ ପୂର୍ଣ୍ଣିମା ଯାହା ଗୁରୁପୂର୍ଣ୍ଣିମା । ଏହି ଦିନ ସମସ୍ତ ପ୍ରକାର ପରାବିଦ୍ୟା ଓ ଅପରାବିଦ୍ୟାର ଗୁରୁ ମାନଙ୍କର ଗୁରୁ ପୂଜା କରାଯାଏ । ଗଣେଶ ସେହି ଦିବ୍ୟ ଗୁରୁଙ୍କ ଉକ୍ତି ଗୁଡ଼ିକୁ ସୂକ୍ତି ରୂପରେ ଅଧ୍ୟାୟ ଅଧ୍ୟାୟ / ସର୍ଗ ସର୍ଗ / କାଣ୍ଡ କାଣ୍ଡ / ସ୍କନ୍ଦ ସ୍କନ୍ଦ / ମଣ୍ଡଳ ମଣ୍ଡଳ ବିନ୍ୟାଶ କରି ସେହି ଦିବ୍ୟ ଗୁରୁଙ୍କ ମୁଖନିସୃତ ଶାସ୍ତ୍ର ବାଳକୁ ସେ ଯୁଗରୁ ଆଗକୁ ବଢ଼ାଇବା ବ୍ୟବସ୍ଥା କରାଇଛନ୍ତି ।

ପିଲାମାନେ ବିଦ୍ୟାଳୟରେ ଗଣେଶ ପୂଜା କରିବା ପ୍ରଥା ବହୁ ବର୍ଷ ଧରି ଚାଲି ଆସୁଛି । ବିଦ୍ୟାରମ୍ଭ ହୁଏ, ଗଣେଶ ଖଡ଼ିକୁ ଯାହା ଶିଶୁଙ୍କୁ ଚାରି ବର୍ଷ ଚାରିମାସ ଚାରି ଦିନରେ ଅନେକ ବାପା ମାଆ କରାଇଥାନ୍ତି । ପୂର୍ବେ ମାଟି ବଟାଣରେ କୋଚିଆ ଖଡ଼ିରେ ଶ୍ରୀ ସିଦ୍ଧିରୟୁ ପ୍ରଥମେ ଶିଶୁର ବିଦ୍ୟାରମ୍ଭେ ଖଡ଼ି ଛୁଆଁଇ ତାହାର ହାତ ଧରି ଲେଖାଇ ଦେଇ ସେ ଲେଖାକୁ ପିଲା ହାତରେ ଲିଖାଇ ସେହି ଖଡ଼ି ଲିଖା ବିନ୍ଦୁର ସୂକ୍ଷ୍ମ ବିନ୍ଦୁଟିକୁ ଶିଶୁ କପାଳରେ ବୋଳିବାକୁ କୁହାଯାଇଥାଏ । ଏହାପରେ ତିନି ମୁଣ୍ଡୁଆ ବ୍ରହ୍ମା, ବିଷ୍ଣୁ, ମହେଶ ମାଟିରେ ଅବତାର ବା ଖଡ଼ି ଛୁଇଁବା ସୁଲୋହିତ ବଡ଼ ବଡ଼ କରି ଆଙ୍କି ତା ଉପରେ ଖଡ଼ିକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଭାଳି ଚଳାଇବାକୁ କହୁଥିଲେ । ଜଏ ଦେଉଛି ବିଦ୍ୟା ଆରମ୍ଭ ଶ୍ରୀଗଣେଶ । ଗଣେଶଙ୍କ ଯେଉଁ ବାମ୍ବ ପଣ୍ଡୁରାମ ପାଣ୍ଡୀ ଆସାଦରେ ଗାଈ ଦେଇଥିଲେ ତାହା ହିଁ ଗଣେଶଙ୍କ ଲେଖନୀ ଯନ୍ତ୍ର । ଏହି ସେହି ଲୋଚିକା ଖଡ଼ି ଠିକ ସମ୍ପୂର୍ଣ୍ଣ ଗରଳ ଲାଗ ଅଗ୍ରପରି ଦୃଶ୍ୟ ହୁଏ । ଗଣେଶ ବିଦ୍ୟ ମାନଙ୍କର ରାଜା 'ବିଦ୍ୟରାଜ' । ତାଙ୍କୁ ବିଦ୍ୟ କ୍ଷେତ୍ରରେ ଜମିଦାରୀ ମିଳିଛି । ତାଙ୍କର ଦୋଷ ବିନା କେଉଁ କାର୍ଯ୍ୟ ସମ୍ଭବରେ ହୋଇନପାରେ । ତାଙ୍କର ସାଂଘାତିକ ଆସ୍ତ୍ରରେ ଦୁଇଟି ପାଶ ଆଉ ଅଙ୍କୁଶ । ଏ ଯୁଗରେ ଯେଉଁ ଲାଇନ ମାଳା ରହିଛି ତା ହେଉଛି ସେ ସବୁ ହେଉଛି ଗଣେଶଙ୍କର ପାଶ ସଦୃଶ । ପୁଣି ସେଥିରେ ଜେଜେ ବେଳେ ଅଙ୍କୁଶ ଲାଗି ଯାଉଛି । ଯଥା ଇମେର୍ଜେନସି ଲାଗିବା, ନୋଟ ବନ୍ଦି ହେବା, ବଜେଟରେ କେବେ କ'ଣ ଶସ୍ତା ମହଗଘ ଏହା ହିଁ ଅଙ୍କୁଶ ।

ଗଜବଦନଙ୍କ ଗଳାଙ୍କୁଶ ବନ୍ଧନ ମାନେ ମୁଖ ପଦବାରେ ଥିବା ବ୍ୟକ୍ତିବିଶେଷଙ୍କ 'ଗଳ' ତାଙ୍କ ମୁଖ ଦେଖ ସବୁବେଳେ ଖବରକାଗଜ, ଟିଭି ମିଡ଼ିଆରେ ପରିପ୍ରକାଶ । ହାତୀ ଉପରେ ସୁନା ଜଳସ ଢ଼ାଳିବା ପ୍ରଥାରେ ନିର୍ବାଚନ ଦେଇ ପ୍ରାୟ ଗଜବଦନ ଗଣପତି ହେବା ପାଇଁ ଭୋଟ ପାଇବାକୁ ଆଶାୟୀ । ଏହାକୁ ଭୋଟ ଦେବାଲୋକେ ଏକ ଏକ ହାତୀ (ଗଜ) ତଳାଳ ହୋଇଆନ୍ତି । ଗଣମାନଙ୍କ ପତି ହୋଇ ରାଜକାର୍ଯ୍ୟାଳୁ ଲୋକେ ବଡ଼ ପରୀକ୍ଷାରେ ବିବଦତା ଦେଖାଇ ଗଣେଶ ହେଉଛନ୍ତି । ନହେଲେ ହାତୀ ଭୋଟ ରୂପୀ ସୁନା ଜଳସ ଅଭିଷେକରେ ଗଣେଶ ହୋଇ ପାଶ ଅଙ୍କୁଶ ଧାରୀ ହେଉଛନ୍ତି । ସର୍ବାଗ୍ରେ ଗଣେଶପୂଜା ଅର୍ଥାତ୍ ସେ ପାଶ ଅଙ୍କୁଶ ପ୍ରୟୋଗ ନକରିବାପାଇଁ ନେହୁରା ହେବା ଯେ କୌଣସି ସଂସ୍ଥାରେ ଏମିତି ଗଣପତି ରହନ୍ତି ସେ ଜହୁରୁ ଗଜବଦନ ନୁହଁନ୍ତି । ସମୟକୁ କାଳ ତାଙ୍କୁ ସେ ପବବାଳୁ ଆଣି ଗଜବଦନ କରାଇ ଦେଉଛନ୍ତି । ସଂସାରରେ ସମସ୍ତଙ୍କ ଭୁଲ ହୁଏ । ହେଲେ ସଂସାର ତାଙ୍କୁ କ୍ଷମା ଦେବାର କିଛି ବ୍ୟବସ୍ଥା କରିଛନ୍ତି । ଛୋଟ ଛୋଟ ଗାଳ କରିବା ରାଜା ଭୁଲକାରୀଙ୍କୁ ନିର୍ବାଚନ ଦଣ୍ଡ ଦେଇଥାନ୍ତି ଯାହା ଅନୁଷ୍ଠାନ, ସଂସ୍ଥା, ଦଳ, ଗୋଷ୍ଠୀ ଆଦି ଛାଡ଼ିଯିବା ପାଇଁ ଆଦେଶ କରନ୍ତି । ମାତ୍ର ବଡ଼ରାଜା ସବକା ମାଲିକ ଏହା କରାଇ ପାରନ୍ତି ନାହିଁ । ଭଗବାନ କାହାକୁ ନିର୍ବାଚନ ଦଣ୍ଡ ଦେଇପାରନ୍ତି ନାହିଁ । ଯେ ଯୁନିଭର୍ସର ମାଲିକ । ଏମିତିକା ରାଜା ବିଶ୍ୱରାଜା ହଉଗୌରୀ କୁମାର ତାଙ୍କୁ କାନଧରି ନ୍ୟୁସଛାଳି ପଢ଼ିଲେ ସେ ଜରୁର କ୍ଷମା କରନ୍ତି । ଏ ବିଶ୍ୱାସ ଗଣେଶ ଭକ୍ତ ମାନଙ୍କର ଦୃଢ଼ ଭାବରେ ଅଛି । ତେବେ କାନଧରା ମୁଦ୍ରାଟାର ରୂପରେଖ ତାହାଣ ହାତରେ ବାମ କାନ, ବାମ ହାତରେ ଡାହାଣ କାନ ଉତର ଦିଗରେ ଠିଆ ହୋଇ ଦକ୍ଷିଣ ମୁହଁରେ ଥିବା ଗଣେଶଙ୍କ ସମ୍ମୁଖରେ କିଛି ବସରତ ହେବାକୁ ହୁଏ ଯଦି ଦୁଇ ହାତ ଏପରି ଗୁଣନ ବିନ୍ଦୁ ସଦୃଶ ଭ୍ରାନ୍ତିକାରୀର ହୃଦୟ ଉପରେ ହେଉଛି ତେବେ ଭଗବାନ ଗଣେଶ ସେ ପାଇଁ ବ୍ୟକ୍ତିର ଅନୁଶୋଚନା ପାଇଁ କ୍ଷମା ଦାତା ହୁଅନ୍ତି । ବଡ଼ ଭୁଲ ମହାବିପଦ ଆଣେ ସେତେବେଳେ ଏହି ମୁଦ୍ରା ଦୁଇ ହସ୍ତର ହାତ୍ ଆର ଖପୁରୀ ଅବସ୍ଥାକୁ ଚାଲିଯାଏ ଲାଞ୍ଚାରି ଦେପରୁଥା ଭାବ ଆଚରନକୁ ହାତକୁ ନେବା ଏହି ଅବସ୍ଥା ନହେଲା । ଏ ବିଘ୍ନରାଜଙ୍କ ଚେତାବନୀ, ଯାହା ବିପଦ ସଙ୍କେତ । ସବୁଠି ଗଣେଶ ରାଜ ସବୁଠି ବିଘ୍ନ ଅଛି ସେ ଶୈଳନୂତ୍ରାଙ୍କ ପୂତ୍ର ପଥର ପରି ସହ୍ୟଶକ୍ତି ଅର୍ଜନକାରୀ ଗଣେଶ ବିଭୂତି ଅବଶ୍ୟ ପାଆନ୍ତି । ଶିକାରୁ ଜାତ ଶୈଳ ତାଙ୍କ ପ୍ରିୟ କୁମାର ଗଣେଶ ଯେ ଗଣେଶକୁ ଆଦର୍ଶ ଧରନ୍ତି ସେ ବି ଗଣେଶ ହୋଇପାରନ୍ତି ।

*ସମ୍ପାଦକ 'ନିଷ୍ଠି' ଅନୁଶୋଦସ ନଗର, କଟକ,*
*ଦୂରଭାଷ : ୯୪୩୭୧୦୩୧୫୩*

## ଦାମ୍ପତ୍ୟ କଳହର ସମାଧାନ

॥ ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା ॥

ଦାମ୍ପତ୍ୟ ଜୀବନରେ ବିଭିନ୍ନ କଥାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ । ତେବେ ମିଛ କଥା କହିବା, କଥା ଲୁଚାଇବା, କୌଣସି ଜିନିଷ କ୍ରୟ କିମ୍ବା ସଂପର୍କୀୟଙ୍କ ସହ ସଂପର୍କ ଏପରି ଅନେକ ଛୋଟବଡ଼ ସମସ୍ୟାକୁ ନେଇ ପତ୍ନୀପତିଙ୍କ ମଧ୍ୟରେ କଳହର ସୂତ୍ରପାତ ହୋଇଥାଏ । ତେବେ କଳହ ଉପୁଜିବା ମାତ୍ରେ କିପରି ଉଭୟ ସର୍ଜେ ରହିବା ସହ ଏହାର ସରଳ ଆପୋଷ ସମାଧାନ କରାଯାଇପାରିବ ସେ ବିଷୟରେ କିଛି...

ଦାମ୍ପତ୍ୟ ଜୀବନରେ ବିଭିନ୍ନ କଥାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ । ତେବେ ମିଛ କଥା କହିବା କିମ୍ବା କଥା ଲୁଚାଇବା ଏହି ଝଗଡ଼ାର ଅନ୍ୟତମ କାରଣ । ପ୍ରେମ ବିବାହ କରିଥିବା ଦମ୍ପତି ଘର ସହିତ ସଂପର୍କ ତୁଟାଇ ଦେଇ ଏକାକୀ ରହିବା ଭିତରେ ଯଦି ବୁଝିଙ୍କର ମନ ଅମେଳ ହେଲା ତେବେ ପରିସ୍ଥିତି ଗମ୍ଭୀର ହୋଇଥାଏ । ଘରେ ପିତାମାତାଙ୍କ ସହିତ ସଂପର୍କ ରଖି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମିତ୍ତେ ପତି ବାହୁଡ଼ାଇବେଳେ ପତ୍ନୀ ଏଥିରେ ବାଧା ଉପୁଜାଇଲେ ବୁଝିଙ୍କ ମଧ୍ୟରେ ଝଗଡ଼ା ହୋଇ ମତାନ୍ତର, ମନାନ୍ତର ଘଟେ । କଥା ଏପରି ହୁଏ ଯେ ଶେଷକୁ ବୁଝିଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ ପରିସ୍ଥିତି ସୃଷ୍ଟି ହୁଏ । ବିଗଲିରେ ବିଭିନ୍ନ ଆସବାବପତ୍ର ଫୋପଡ଼ା, ଫିଙ୍ଗା, ନଷ୍ଟ କରିବା ଆଦି ଯୁବପାଢ଼ୀଙ୍କ ଜୀବନଶୈଳୀ ଏତେ ବଦଳି ଯାଇଛି ଯେ, ସେମାନେ ପରସ୍ପର ପାଇଁ ସମୟ ଦେଇ ପାରୁନାହାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ଏହା ଠିକ୍ ନୁହେଁ । ପତି-ପତ୍ନୀ ନିଜନିଜର ଦେବାର ଯେଉଁକି ସମୟ ପାଇଛନ୍ତି, ସେହି ସମୟରେ ଚିନ୍ତିବ ନ ହେବା ପାଇଁ ମୋବାଇଲ୍ ଫୋନ ସୁଇଚ୍ ବନ୍ଦ ରଖିଦେବା ଭଲ । ସେହି ସମୟ ମଧ୍ୟରେ ପରସ୍ପର ନିଜର ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ସୁଖଦୁଃଖ ଜାଂଟିବା ଆବଶ୍ୟକ । ସଂପର୍କ ଭିତରେ ଟେନସନ୍ ବଢ଼ିଲେ ଦିନେନା ଦିନେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ । ଶେଷୁ ଲଢିଯାଇବେ ଯେପରି ସେପରି ପରିସ୍ଥିତିର ସମ୍ମୁଖୀନ ନହେବାକୁ ପଡ଼େ ସେଥିପ୍ରତି ଉଭୟେ ସଚେତନ ରହିବା ଉଚିତ୍ । ନିଜର ସମସ୍ୟାକୁ ଆପୋଷରେ ସମାଧାନ କରିବା ଆବଶ୍ୟକ ।

ଯେଉଁଦିନ କୌଣସି କଥାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲା ତାହା ଆଗକୁ ନବଢ଼ାଇ ସେଦିନିକ ହିଁ ସମାଧାନ କରିଦେବା ଆବଶ୍ୟକ । ଜଣେ ଅଧିକ ପ୍ରଭାବଶାଳୀ ହେଲେ ଅନ୍ୟ ଜଣେ ନୀରବ ରହିବା ଭଲ । ପରେ ଦୁଇଟି ଦୁଇଁଙ୍କ ଭୁଲ ପାଇଁ ପରସ୍ପରପାରୁ କ୍ଷମା ମାଗିନେବା ଉଚିତ୍ । ବିଶ୍ରାମ ଏବଂ ଅନିଦ୍ରା ଯୋଗୁଁ ବିଭିନ୍ନ ଚିନ୍ତା ସୃଷ୍ଟି ହୁଏ । ବୁଢ଼ ସୁଗାର କମିଯିବା ସହିତ ଭଜରଲ୍ଲଡ଼ାପ, ମଧୁମେହ, ଆଲରାଏଡ୍ ଏବଂ ମାନସିକ ରୋଗଜାତ ହୁଏ । ପଜରେ ପରସ୍ପର ମଧ୍ୟରେ ଝଗଡ଼ା ଆହୁରି ବଢ଼ିଯାଏ । ସେ ବୃଦ୍ଧିକୁ ଚିନ୍ତାଠାରୁ ଦୂରେଇ ରହିବା ପାଇଁ ଭଲ ଭାବରେ ନିଦରେ ଶୋଇବା ଉଚିତ । ଅତଂ ଭାବ ଯୋଗୁଁ ଠିକ୍ ଭାବରେ କଥା କହିଦୁଏନାହିଁ । ପ୍ରଥମେ ନିଜକୁ ନିୟନ୍ତ୍ରଣରେ ରଖାଯୁ ଏବଂ ତାପରେ ଆପଣ ଚାହୁଁନଥିବା କଥାକୁ ଠିକ୍ ଭାବରେ ଉପସ୍ଥିତ କରନ୍ତୁ । ଦୋଷାରୋପପରାଧୁ ଦୂରରେ ରହନ୍ତୁ । ଜୀବନସାଥୀ ନିଜକୁ କଥାଭବା ପାଇଁ ଯେ କୌଣସି କଥା କହିପାରନ୍ତି । ଉଚିତ୍ କଥା ହୋଇନଥିଲେ ପ୍ରତିବାଦ କରନ୍ତୁ । ତେବେ ଏହା ଯେପରି ଝଗଡ଼ାରେ ପରିଣତ ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଦାମ୍ପତ୍ୟ ଜୀବନରେ କ୍ରୋଧର ନୁହେଁ ସ୍ନେହର ହାତ ଉଠୁ । ଜୀବନ ସୁଖମୟ ହେଉ ଏହାର ବ୍ୟବସ୍ଥା କରିବା ଉଚିତ୍ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬,*
*କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬*

## ଏକ୍ୟୁଟ୍ କୋଲେସିସ୍‌ଟାଇଟିସ୍

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସାଧାରଣତଃ ପିତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା, ହଠାତ୍ ପିତକୋଷ ଫୁଲିଯିବା, ବଗଲ ଯେବା, ଜ୍ୱର ହେବା, ଜଳଦିଆ ପରିଷ୍ଠା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ୍ କୋଲେସିସ୍‌ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ । ବାନ୍ତି ଏବଂ ଜଳଦିଆ ପରିଷ୍ଠା ହୁଏ । ବେଳେବେଳେ ଅଳ୍ପ ଜଳଦିଆ ଦେଖାଯାଏ । ପିତକୋଷରେ ପଥର ଥିଲେ ଏହି କୋଲେସିସ୍‌ଟାଇଟିସ୍ ହୁଏ । ସାଧାରଣତଃ ମହିଳା ମାନଙ୍କ ଠାରେ ଏହି ରୋଗ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା'ଠାରୁ ଅଧିକ ବର୍ଷର ମହିଳା ମାନଙ୍କ ଠାରେ ଏହି ରୋଗ ବେଶୀ ଦେଖାଯାଏ । ପୁରୁଷ ମାନଙ୍କ ମଧ୍ୟରେ ଅଳ୍ପ ସଂଖ୍ୟାରେ ଏହି ରୋଗ ଦେଖାଯାଏ । ବୁଢ଼ତି କାରଣରୁ ଏହି ରୋଗ ହୋଇଥାଏ । ପ୍ରଥମତଃ ପିତକୋଷରେ ପଥର ଏବଂ ଦ୍ୱିତୀୟରେ ପିତକୋଷରୁ ପିତ ଯିବା ବାଟରେ ମଇଳା ରହି ବାଟ ବନ୍ଦ ହୋଇଗଲେ ଏହି ରୋଗ ହୁଏ ଯାହାକୁ କୋଲାଙ୍ଗାଇଟିସ୍ କୁହାଯାଏ ।

ଏପରି ହେଲେ ପିତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତକୋଷରେ ପଥର ଅଧିକ ଭାବରେ ମହିଳା ମାନଙ୍କ ଠାରେ ହୁଏ । ପିତକୋଷରେ ପଥର ଥିଲେ ବିଭିନ୍ନ କାରଣ ରହିଛି । ତେବେ ମୂଳ କାରଣ ହେଲା ପିତକୋଷରେ ଥିବା ପିତ ଜମିଗଲେ ଏହା ଧୀରେ ଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହ

ଦୈନିକ
# ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୫ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

## ରାଜ୍ୟରେ ବିଜେପି ଦଳର ଦମଦାର ବିଜୟୀ ପାଇଁ କଲ୍ୟାଣସିଂହପୁର ଠାରେ ଧୁମ୍ ଧାମରେ ବିଜୟ ଉତ୍ସବ ପାଳିତ

ରାୟଗଡ଼ା, ୦୪/୦୫(ଆ.ପ୍ର) : ପଶ୍ଚିମ ବଙ୍ଗ, ଆସାମ ଓ ପଣ୍ଡୁଚେରି ରେ ଭାରତୀୟ ଜନତା ପାର୍ଟିର ଦମଦାର ବିଜୟ ଲାଭ ପରେ ସାରା ଦେଶରେ ବିଜେପି ଦଳୀୟ କର୍ମକର୍ତା ମାନ ଧୁମ୍ ଧାମରେ ଏହି ବିଜୟ ଉତ୍ସବ ପାଳନ ହେବା ଅବସରରେ ସୋମବାର ଦିନ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଠାରେ ମଧ୍ୟଏହି ବିଜୟ ଉତ୍ସବ ମହା ଧୁମ୍ ଧାମରେ ପାଳନ କରିଥିବା ଦେଖିବାକୁ ମିଳିଛି । ଏ ସମୟରେ ବିଜେପି ଦଳର ବରିଷ୍ଠ କର୍ମୀ କୃଷ୍ଣ ସାମଲ, ଜିଲ୍ଲା ଷ୍ଟାଣ୍ଡିଙ୍ଗ ସଦସ୍ୟ ଗୁରୁଜା, ଜଳଖାଣସିଂହପୁର ବେଲ ଶ୍ରୀ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା । ଏଥିରେ ବୁଲକ ବୁଲଡି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ ସହ ଅନୀଲ କୁମାର ଜାଡ଼ିଙ୍କ ନେତୃତ୍ୱରେ ବୁଲକ ଦିଲିନ୍ଦୁ ପଂଚାୟତ ରୁ ଆସିଥିବା ବିଜେପି ନେତା କର୍ମୀ ମାନେ ଉପସ୍ଥିତ ରହି ବାଜ ବାଜଣା ସହ ମିଠା ଖାଇ ଓ ଅନ୍ୟକୁ ଖୁଆଇ ବିଜୟ ହାସଲ କୁ ଧୁମ୍ ଧାମରେ ପାଳନ କରିଥିବା ଦେଖିବାକୁ ମିଳିଛି । ଏହି ସମୟରେ ବିଜେପି ଦଳର ବରିଷ୍ଠ କର୍ମୀ କୃଷ୍ଣ ସାମଲ, ଜିଲ୍ଲା ଷ୍ଟାଣ୍ଡିଙ୍ଗ ସଦସ୍ୟ ଗୁରୁଜା ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ମହାନଦିଆ, ମାଝୀ ଗୁଡ଼ା ମଣ୍ଡଳର କେଶରୀ ଭତ୍ତା, ଜନଜାତି ମୋର୍ଚ୍ଚା ମଣ୍ଡଳ ସଭାପତି ସାଣ୍ଟୁ ଡିଆଳା, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି ଗଙ୍ଗା ରାଓ ପ୍ରାଣ୍ଡା, ଅନୁସୂଚିତ ଜାତି ମୋର୍ଚ୍ଚା ମଣ୍ଡଳ ସଭାପତି ସତ୍ରେଶ ବାଗ୍, ପୂର୍ବତନ ମଣ୍ଡଳ ସଭାପତି ଗାମାରାଓ ଜାଡ଼ୁଳକା, ଶିବା ଆଚାର୍ଯ୍ୟ, ବରିଷ୍ଠ କର୍ମୀ ଗୁଡ଼ୁ ଖାଡ଼ାଙ୍କା, ବାଣୁ ଜାଡ଼ାକା,ଯୁବ ନେତା ସୁରେନ୍ଦ୍ର କୋଶଲୀ ଓ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଦୁଇ ଦିନ ଅନ୍ଧାର ପରେ ଗାଁକୁ ଫେରିଲା ଲାଇଟ

ହାତଡିହି, ୦୪/୦୫(ଆ.ପ୍ର) : ହାତଡିହି ଗତ ଶନିବାର ଦିନଜାତ ବୈଶାଖୀ ରେ ପ୍ରବଳ ବର୍ଷା ଜିତୁଳି ଘଡ଼ଘଡି ପାଇଁ ହାତଡିହି ବୁଲକ ମଠ କୃଷିସାଥି ଓ ଗୋବିନ୍ଦ ପୁରା ଗାଁର ୮ ଓରୁ ଅଧିକ ପରିବାର ଅନ୍ଧାର ରେ ରହିଥିଲେ । ମେ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଦ୍ୟୁତ୍ ବିତରଣ ଅଧିକାରୀଙ୍କୁ ଅବଗତି କରିବା ପରେ ସୋମବାର ଦିନ ଗାଁକୁ ଲାଇନ ଫେରିଥିଲା । ପୋଡ଼ି ଯାଇଥିବା ତୁମସଫରମରକୁ ମରାମତି କରି ଗାଁର ସମସ୍ୟାକୁ ଗୁରୁତ୍ୱ ଦେଇ କରେଣ୍ଟ ସଂଯୋଗ କରିଥିବାରୁ ଗ୍ରାମବାସୀ ମାନେ ଚିରାଗୀୟ ଯନ୍ତ୍ରୀଙ୍କ ସହ ଅନ୍ୟ କର୍ମଚାରୀ ମାନଙ୍କୁ କୃଷିସାଥି ଓ ଗୋବିନ୍ଦପୁର ଗ୍ରାମର ଗ୍ରାମବାସୀ ମାନେ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଯାଜପୁର ପୌରପାଳିକା ପକ୍ଷରୁ ଉଠା ଦୋକାନୀ ଉପରେ ଚଢ଼ାଉ

ଯାଜପୁର, ୦୪/୦୫(ଆ.ପ୍ର) : ଯାଜପୁର ପୌରପାଳିକା ପକ୍ଷରୁ ଉଠା ଦୋକାନୀ ଉପରେ ଚଢ଼ାଉ । ବିଶାଖ ବହିବରା ଖାଲ ୫୦ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହେବା ଘଟଣାକୁ ନେଇ ଯାଜପୁର ପୌରପାଳିକା ପକ୍ଷରୁ ଉଠା ଦୋକାନୀ ଉପରେ ଚଢ଼ାଉ କରାଯାଇଛି । ସହର ମଧ୍ୟରେ ଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୋରାଂଟ ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି । ବିଭିନ୍ନ ମିଷ୍ଟାନ ଦୋକାନୀ ମାନେ ବହୁ ସମୟରେ ବାସି ମିଠା ଓ ଜଳଖିଆ ଦୋକାନ ମାନଙ୍କରେ ରଖିଛନ୍ତି ବୋଲି ଅଭିଯୋଗ ହେଉଛି । ଏପରି ଚଢ଼ାଉ ପ୍ରତ୍ୟେକ ମାସରେ ହେବା ଦରକାର ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । କଥାରେ ଅଛି ଚୋର ଗଲାପରେ ବୁଦ୍ଧି ଦିଶେ । ଏପରି ଅବସ୍ଥାରେ ବର୍ତ୍ତମାନ ଯାଜପୁର ପୌର ପରିଷଦ । ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଶୁଂଟିଆ ସହରର ଉପାଦୋକାନୀ ମାନଙ୍କ ଜିନିଷର ମାନ ଯାଞ୍ଚ କରିଥିଲେ । ଉଠା ଦହିବରା ଘୁଗୁନି ଦୋକାନ ଓ ଗୁପ୍ତ ରୂପ ଦୋକାନୀ ମାନଙ୍କୁ ୭ ଦିନ ପାଇଁ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିୟମ ନମାନିଲେ ଦୋକାନୀ ମାନଙ୍କ ଉପରେ ଜୋରିମାନା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଶୁଂଟିଆ କହିଛନ୍ତି ।

## ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଠାରେ ଜନଶୁଣାଣି

ଖୋର୍ଦ୍ଧା, ୦୪/୦୫(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଉତ୍କଳାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରଚାର ଗୃହ ବେଗରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଉପଜିଲ୍ଲାପାଳ ସଂଜଙ୍କ ସ୍ୱଷ୍ଟିକ ସାହୁ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ଧ୍ୟା ଚନ୍ଦ୍ର ରାୟ, ଆସିଷ୍ଟାଂଟ ଲେଜେଣ୍ଡର ଭୂତନେଶ୍ୱର ଅର୍ଜିତ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନକୁ ସ୍ୱତନ୍ତ୍ର ନ ରଖି ଅଭିଯୋଗ ଗୁଡ଼ିକର ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୯୩ ଗୋଟି ଅଭିଯୋଗ ଆସିଥିବାବେଳେ ବନ୍ଦୁଧରୁ ବ୍ୟକ୍ତିଗତ ଅଭିଯୋଗ ୮୭ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୦୬ ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତନ୍ମଧ୍ୟରୁ ୦୬ ଗୋଟି ଅଭିଯୋଗର ସମାଧାନ କରିଥିବାବେଳେ ବେବି ପଲାଲ, ହରିଚନ୍ଦନପୁର, ନାତୁଣୀ, ଦାଣପୁରଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତିରିଶି ହଜାର, ମାଳତୀ ପଲାଲ,ହରିଚନ୍ଦନପୁର, ନାତୁଣୀ, ବାଣପୁରଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦଶ ହଜାର ଏବଂ ଦାଣାପାଣି ସୁବୁଦ୍ଧି, ତରାପି, ଝାଡ଼ବରଡି, ଚିଲିକାଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଦଶ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ବି ଡି ଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ ।

## ବରିଷ୍ଠ ସାମ୍ବାଦିକ ହରଜିନ୍ଦର୍ ସିଂଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ଓ ବୈଦ୍ୟରାଜ ପବିତ୍ର ଶବରଙ୍କୁ ସମାଜ ସେବା କ୍ଷେତ୍ରରେ ସମ୍ମାନିତ

ଜଜପାଂପାଡଣା, ୦୪/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ପେଷୋଦାର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ହୋଟେଲ ଭାରିଗିରଥୀ ଠାରେ ପଙ୍କିଜିନୀ ଲକ୍ଷରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଛି । କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦୁଣ୍ଣା ପଞ୍ଚାୟତ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଉମା ଶଙ୍କର କର ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, କଳାହାଣ୍ଡି ବରପୁତ୍ର ବୈଦ୍ୟରାଜ ପବିତ୍ର ଶବର, ବିଶିଷ୍ଟ ଶିକ୍ଷାବିତ୍ ତଥା ଭାବାଳପାପଣ୍ଡା ସ୍ପର୍ଶ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭୁ ଅଧ୍ୟକ୍ଷ ଡ଼ ଅଜୟ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କଳାହାଣ୍ଡି ପେଷୋଦାର ସାମ୍ବାଦିକ ସଂଘର ସଭାପତି ଚନ୍ଦନକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ଗବେଷକ ସତ୍ୟ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ସମସ୍ତ ବିଶ୍ୱ ସମେତ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସାମ୍ବାଦପତ୍ର ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ ବଜାୟ ରଖିବା ସହ ସାମ୍ବାଦିକମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ୧୯୯୩ ମସିହାରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ପ୍ରଥମ ଥର ଏହି ଦିବସ ଘୋଷଣା କରାଯାଇଥିଲା । ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିଥାଏ । ଚଳିତ ବର୍ଷ ବିଶେଷ କରି ପରିବେଶ ସଙ୍କଟ ସମୟରେ ସାମ୍ବାଦିକତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି । ତଥ୍ୟକୁ ସଠିକ୍ ଭାବେ ଉପସ୍ଥାପନ କରିବା ଏବଂ ଗୁଜବଠାରୁ ଦୂରେଇ ରହିବା ପାଇଁ ଶପଥ ନିଆଯାଇଛି । ସାମ୍ବାଦିକମାନେ ନିଜର ବୃତ୍ତିଗତ ସମସ୍ୟା ଓ ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋଚନା କରିଛନ୍ତି । ସାମ୍ପ୍ରତିକ ସମୟରେ ସଠିକ୍ ଖବର ପରିବେଷଣ କରିବା ଏକ ଆହ୍ୱାନ ହୋଇପଡ଼ିଛି । ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରାଯିବା ସହ ସେମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ହରଜିନ୍ଦର୍ ସିଂଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ଓ ବୈଦ୍ୟରାଜ ପବିତ୍ର ଶବରଙ୍କୁ ସମାଜ ସେବା କ୍ଷେତ୍ରରେ ସମ୍ମାନିତ କରା ଯାଇଥିଲା । ଏହା ବ୍ୟତୀତ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମ୍ବାଦିକ ଉତମ କୁମାର ବାଶ,ପଂକୀଜ ମୋହନ ରଣା, ଶିବାଳୀ ବେ, ଅମିୟ ସାହୁ, ଦାମକ ସାହୁ, ଶିବ ନାଏକ, ଲକ୍ଷ୍ମୀକାନ୍ତ ଜାଲ, ଅଂଶୁମାନ ପାତ୍ର, ଲକ୍ଷ୍ମୀକାନ୍ତ ବାଗ, ଦେବନ୍ତ ରାୟ, ଝଙ୍କେତନ ଧଙ୍କାଡାମାଝି, ବିତ ରଞ୍ଜନ ବିଶି, ସୁବାସ ବାଗ ଓ ସମାଜ ସେବା ଚିନ୍ତାମଣି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜଙ୍ଗଲ ମଧ୍ୟରୁ ୭ ଦେଶୀ ବନ୍ଧୁକ ଜବତ



ଦାଳିଗୁଡ଼ା, ୦୪/୦୫(ଆ.ପ୍ର) : ଲଙ୍ଗମାଳ ଜିଲ୍ଲା ଦାଳିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚୁମୁଦ୍ରିବନ୍ଧ ଥାନା ଅଂଚଳରୁ ପୋଲିସ ୭ଟି ଦେଶୀ ବନ୍ଧୁକ ଜବତ କରିଛି । ଏନେଇ ଦାଳିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭମ ଲୋଖଣ୍ଡେ ସୋମବାର ସୂଚନା ଦେଇଛନ୍ତି ଯେ, ଚୁମୁଦ୍ରିବନ୍ଧ ଅଂଚଳର ଜଙ୍ଗଲ ମଧ୍ୟରୁ ପ୍ରଥମେ ୩ଟି ଦେଶୀ ବନ୍ଧୁକ ମିଳିଥିଲା । ପରେ ପୁଲିସ ଦଳ ନିଜସ୍ୱ ଘରଗୁଡ଼ିକୁ ଚଲାଶି କରିବା ସମୟରେ ଆଉ ୪ଟି ବନ୍ଧୁକ ଜବତ କରିଥିଲେ । ଏଇଗି ମୋଟ ୭ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି । ଏହି ଘଟଣାକୁ ନେଇ ଅଂଚଳରେ ଟଂଚଳତା ସୃଷ୍ଟି ହୋଇଥିବା ବେଳେ, ଏହା ପଛରେ କିଏ ଜଡିତ ଅଛନ୍ତି ଓ କେଉଁ ଉଦ୍ଦେଶ୍ୟରେ ଏହି ବନ୍ଧୁକ ଗୁଡ଼ିକ ରଖାଯାଇଥିଲା ସେନେଇ ପୁଲିସ ତଦନ୍ତ ଜାରି ରଖିଛି ।

## ବାଲ୍ୟବିବାହ ରୋକିଲେ ଚାଇଲଡ଼ ହେଲ୍ପ ଲାଇନ

ପାରକାଶୋମୁଣ୍ଡି, ୦୪/୦୫(ଆ.ପ୍ର) : ଚାଇଲଡ୍ ହେଲ୍ପ ଲାଇନର ଟୋଲ ଫ୍ରେ ନମ୍ବର ୧୦୯୮ କୁ କଲ ଆସିଲା ଯେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପଡିଆ ଗ୍ରାମପଂଚାୟତର ଗୋଟିଏ ବାଲ୍ୟ ବିବାହ ହେବାକୁ ଯାଉଅଛି । ଏହି ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଲଣ୍ଡଳରିଗା ସଙ୍ଗେ ସଙ୍ଗେ ଏକ ଦଳ ଗଠନ କରାଗଲା ଗୁମ୍ମା ବ୍ଲକ ର ଆସିଡିଏସର ଝିଡିପିଓ, ଡିସିପିୟୁର ସଦସ୍ୟ ଚାଇଲଡ୍ ହେଲ୍ପ ଲାଇନର କେଶ ୱର୍କର, ଏଣ୍ଟା କେନ୍ଦ୍ରର ସଦସ୍ୟା, ଆମ୍ବା ଏଏନିଓ ସଦସ୍ୟା, ସେଗୁଡ଼ି ଥାନା ଅଞ୍ଚଳରେ ଥିବା ଗାଉଦା ଫାଣ୍ଡିର ପୋଲିସ ଙ୍କ ସହ ମିଶି ଏକ ଦଳ ଗଠନ କରି ଉକ୍ତ ବିବାହ ହୋଇଥିବା ସ୍ଥାନରେ ପହଁଚିଥିଲେ । ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲୁ ଯେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ଆସିଥିବା ପୁରୋହିତ ଝିଅର ବିବାହର ପ୍ରକୃତ ବୟସ ହୋଇନି ବୋଲି ଜାଣି ବିବାହ ନକରି ବିବାହ ମଣ୍ଡପରୁ ଟିମ ଆସିବା ପୂର୍ବରୁ ପଳାୟନ କରିଥିଲେ । ବାଲ୍ୟ ବିବାହକୁ ଜିଲ୍ଲା ପ୍ରଶାସନ ତରଫରୁ ରକାଯାଇଥିଲା । ବାଲ୍ୟ ବିବାହର ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ ଜଣାଇଥିଲେ ଝିଅଟିର ବୟସ ୧୬ ବର୍ଷ ୯ମାସ ହୋଇଥିବାରୁ ଝିଅଟି କୁ ବିବାହ ସ୍ଥାନରୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ଗଜପତିରେ ଉପସ୍ଥାପନ କରାଯାଇଥିଲା । ଶିଶୁ କଲ୍ୟାଣ ସମିତି ଗଜପତି ଶିଶୁ ଓ ତାଙ୍କ ପରିବାର ସଦସ୍ୟଠାରୁ ସମସ୍ତ ବିଷୟ ପଚାରି ବୁଝିଥିଲେ । ପରେ ଶିଶୁ ଓ ତାଙ୍କ ପିତାମାତାଙ୍କୁ ବାଲ୍ୟ ବିବାହ ଏବଂ ଅପରାଧ ବିଷୟରେ ବୁଝାଇଥିଲେ ଅର୍ଥାତ ଝିଅର ବୟସ ୧୮ ଓ ପୁଅର ବୟସ ୨୧ ବର୍ଷ ବିବାହ ପାଇଁ ଉପଯୁକ୍ତ ବୟସ ଅଟେ ବୋଲି ଜଣାଇଥିଲେ । ପରିବାର ସଦସ୍ୟ ଏ ବିଷୟରେ ବୁଝିବା ପରେ ପରିବାର ସଦସ୍ୟ ଶିଶୁଟି ୧୮ ବର୍ଷ ପୂର୍ବରୁ ବିବାହ ଦେବେ ନାହିଁ ବୋଲି ଲିଖିତ ଭାବରେ ଜଣାଇବା ପରେ ଶିଶୁଙ୍କୁ ତାଙ୍କର ମାତାଙ୍କୁ ହସ୍ତାନ୍ତର କରିଥିଲେ ।

## ପରିବର୍ତ୍ତନ କେନ୍ଦ୍ର ଅନ୍ତେବାସୀଙ୍କ ମାଟ୍ରିକ ପରୀକ୍ଷା ସଫଳତା

ଟାଙ୍ଗୀ ଗୌଦ୍ୱାର, ୦୪/୦୫(ଆ.ପ୍ର) : କଟକ ଜିଲ୍ଲା ଗୌଦ୍ୱାରରେ ଥିବା ଓଡ଼ିଶାର ସର୍ବ ପ୍ରଥମ ନିଶାସେବନ କାରୀ ନାବାଳକ ମାନଙ୍କ ପାଇଁ ଉଦ୍ଦିଷ୍ଟ ନିରାପଦ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଥିବା ଗୌଦ୍ୱାରରେ ଥିବା ଅନୁଷ୍ଠାନ ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ରରେ ମୟୂରଭଞ୍ଜ ଜିଲ୍ଲାର ନାବାଳକ ଅନ୍ତେବାସୀ ଶିକ୍ଷମ ବେଳେଘର ଘରେ ଥିବା ସମୟରେ ଅତ୍ୟଧିକ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାର କରିଥିଲା । ଅସାମାଜିକ ଯୁବକ ମାନଙ୍କ ସହ ପଡି ବିଦ୍ୟାଳୟ ଶିକ୍ଷା ଗ୍ରହଣ ନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲା ଏହି ଚିନ୍ତାଗ୍ରସ୍ତ ସମୟ ମଧ୍ୟରେ ଆମ ପରିବର୍ତ୍ତନ କେନ୍ଦ୍ରରେ ଅଭିଭାବକ ଆଣି ପିଲାଟିକୁ ଛାଡିଥିଲେ ଆମ ଅନୁଷ୍ଠାନରେ ଉକ୍ତି ପିଲାଟି ଦୈନିକ ରୁଟିନ ଅନୁସାରେ ଆମ ସେବକ କର୍ମଚାରୀ ମାନେ ମଧ୍ୟ ସେଇ ନାବାଳକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଲେ କିପରି ଉଚ୍ଚିଷ୍ଟାର ଗଠନ କରିବ । ଶିକ୍ଷମର ସୋସିଆଲ ମିଡ଼ିଆ ଏଡିଟିଂରେ ବହୁତ ଆଗ୍ରହ ଥିଲା । ସକାଳ ଓ ସନ୍ଧ୍ୟା ୨ ଓଜି ପାଠ ପଢିବାରେ ଲାଗି ପ୍ରକାଶ ଧୀରେ ଧୀରେ କହିଲା । ଶିକ୍ଷାରୁ ବଂଚିତ ଥିବା ୨ ବର୍ଷ ତୃପ ଆଉତ ପିଲାକୁ ପୁଣି ଥରେ ଗୌଦ୍ୱାରରେ ଥିବା ସ୍ଥାନୀୟ ଜଜିଙ୍କ ପବ୍ଲିକ ହାଇସ୍କୁଲ ବିଦ୍ୟାଳୟ ରେ ନବମ ଶ୍ରେଣୀରେ ନାମ ଲେଖାଇଲେ । ସେ ବିଦ୍ୟାଳୟକୁ ଯାଇ ଶିକ୍ଷା ଅଧ୍ୟୟନ କରିବାକୁ ଲାଗିଲା । ଚଳିତ ବର୍ଷ ୨୦୨୬ ମାଟ୍ରିକ ପରୀକ୍ଷାରେ ତୃତୀୟ ସ୍ଥାନରେ ପାସ କରିଥିଲେ । ଉକ୍ତ ଶିକ୍ଷାରେ ଜଜିଙ୍କିଅଙ୍କ ଲାଳନରେ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ ଦକ୍ଷ ଏଡିଟର ହୋଇବେ ବୋଲି ଆଶା ରଖିଛନ୍ତି । ଏଇ ମା

ଆରମ୍ଭ
SEITHO AKAMBHA
ମଙ୍ଗଳବାର, ୫ ମଳ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

# ସରସରା ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ

ଉଣାଇ, ୦୪/୦୫(ଆ.ପ୍ର) : ଉଣାଇ ବ୍ଲକ ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି ସରସରା ମଣ୍ଡଳ ବୈଠକ ବିଜେପି ମଣ୍ଡଳ ସଭାପତି ଗୀରେନ୍ଦ୍ର ବଡ଼ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ରାଉରକେଲା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତଥା ଉଣାଇ କୁଷ୍ଠର ଜନଗର୍ଜ ଅଭିଯାନ ମହାନୁଭବ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅବିନାଶ ରୁଦ୍ର, ମଣ୍ଡଳ ପ୍ରଭାରୀ ଯୁଧିଷ୍ଠିର ବେହେରା ପ୍ରମୁଖ ଯୋଗ ଦେଇ ଶକ୍ତିକେନ୍ଦ୍ର ବୈଠକ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ଶକ୍ତିକେନ୍ଦ୍ର ଓ ବୁଥ ବୈଠକ ପାଇଁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

କୁଥ ସ୍ତର ରେ ବଳ କୁ ମଜବୁତ କରିବା ପାଇଁ ଶକ୍ତିକେନ୍ଦ୍ର ପ୍ରଭାରୀ ନିଯୁକ୍ତ କରାଯିବା ସହ ଆଗାମୀ ଦିନରେ ବୁଥ ସ୍ତରୀୟ ବୈଠକ ବ୍ୟବସ୍ଥିତ ଭାବେ ହେବା ପାଇଁ ଯୋଜନା ପ୍ରସ୍ତୁତ ହୋଇ ଥିଲା । ବୈଠକରେ ମଣ୍ଡଳ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିବା ବେଳେ ସଭାକାର୍ଯ୍ୟକୁ ମଣ୍ଡଳ ସାଧାରଣ ସମ୍ପାଦକ କର୍ମୁ କିସାନ ସଂଯୋଜନା କରି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ଶିବ ସୁନ୍ଦର ରାଉତ, ମଣ୍ଡଳ କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦେହେରା, ମଣ୍ଡଳ ଉପ ସଭାପତି ସୁକାନ୍ତ ସ୍ୱାଇଁ, ଗୁରେନ୍ଦ୍ର ବାଗ, ବରିଷ୍ଠ କାର୍ଯ୍ୟକର୍ତା ବିଜୟ ଭୂମିଜ, ମହାଦେବ ଓରାମ, ଚିତେନ୍ଦ୍ର ସାମଲ, ଚକାଡୋଳା ନାୟକ, କ୍ଷୀରୋଦ ବେହେରା, ସୁରେନ୍ଦ୍ର ସାମଲ, ଜିତେଶ୍ୱର ସାରଙ୍ଗିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଧାମନଗରର ବିକାଶ ପାଇଁ ସୂର୍ଯ୍ୟବଂଶୀ ସୂରଜଙ୍କ ସମୀକ୍ଷା

ଧାମନଗର, ୦୪/୦୫(ଆ.ପ୍ର) : ଧାମନଗର ବିଧାୟକ ତଥା ଉচ্চଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଧାମନଗରରେ ଏକ ନିଆରା ଭାବରେ ନଜର ଆସିଛନ୍ତି । ଜଣେ ଜନପ୍ରତିନିଧି ନୁହେଁ, ବରଂ ଜଣେ ସାଧାରଣ ନାଗରିକ ଭାବେ ସଳାଳୁ ସଳାଳୁ ଧାମନଗର ଏନ୍.ଏସି ଅଂଚଳରେ ପ୍ରାତଃ ଭ୍ରମଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟାନୁୟନକୁ ନେଇ ସମୀକ୍ଷା କରିଛନ୍ତି । ବିକାଶମୂଳକ କାର୍ଯ୍ୟର ମାନ ଏବଂ ସମୟସୀମାକୁ ତ୍ୱରାନ୍ୱିତ କରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ନୂଆ ସରକାର ପରେ ଧାମନଗରରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ପରଖିବା ପାଇଁ ମନ୍ତ୍ରୀ ପ୍ରଥମେ ସହରାଂଚଳରେ ନିର୍ମାଣାଧୀନ ଯୋଜନା ପରିଦର୍ଶନ କରିଥିଲେ । ଗୋ-ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ, ସେ ନେଇ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ

ସେ ପ୍ରାୟ ୯.୫୦ କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ଏଡିସାଲିକ ଜଗୁ ସାଗର ପୋଖରୀ ନିକଟରେ ପହଞ୍ଚିଥିଲେ । ବର୍ତମାନ ଏଠାରେ ମାଟି ଖନନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି । ଆଗାମୁ ବର୍ଷା ଋତୁ ଆସୁଥିବାରୁ, ବର୍ଷା ପୂର୍ବରୁ ପୋଖରୀର ସମସ୍ତ ମୁଖ୍ୟ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଧାମନଗରର ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ପ୍ରସ୍ତାବିତ ଦୈନିକ ମାର୍କେଟ କୋଠା ନିର୍ମାଣ ଓ ବୁଢ଼ା ଜଳରେ ଚାଲିଥିବା ମାଛ ମାର୍କେଟର ସ୍ଥାୟୀ ସମାଧାନ ପାଇଁ ସରକାରୀ ଯୋଜନାର ସେ ସମୀକ୍ଷା କରିଥିଲେ । ମାଛ ମାର୍କେଟ ପାଇଁ ମୂର୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଅନୁମତି ମିଳିସାରିଥିବା ବେଳେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି । ଶିକ୍ଷା କ୍ଷେତ୍ରରେ ଧାମନଗରକୁ ଆଗୁଆ କରିବା ଲକ୍ଷ୍ୟରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଦର୍ଶ ବିଦ୍ୟାଳୟ ପରିସର ବୃଦ୍ଧି ଦେଖିଥିଲେ । ସେଠାରେ ନିର୍ମିତ ଛାତ୍ରଛାତ୍ରୀ ନିବାସର କାର୍ଯ୍ୟ ଶେଷ ହୋଇଥିବାରୁ, ଏହାକୁ ତୁରନ୍ତ ବିଦ୍ୟାଳୟ କର୍ତୃପକ୍ଷଙ୍କୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ଶେଷରେ ମନ୍ତ୍ରୀ ଶ୍ରୀ ସୂରଜ ଏକ ନିଆରା ଢଙ୍ଗରେ ସ୍ଥାନୀୟ ଲୋକଙ୍କ ସହ ଯୋଡ଼ି ହୋଇଥିଲେ । ସରକାରୀ ଉচ্চ ବିଦ୍ୟାଳୟ ନିକଟସ୍ଥ ଏକ ସାଧାରଣ ଜଳଖିଆ ଦୋକାନରେ ବସି ସେ ସ୍ଥାନୀୟ କର୍ମୀ ଓ ଜନସାଧାରଣଙ୍କ ସହ ଜଳଖିଆ ଖାଇଥିଲେ । ସେଠାରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ତାହାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀ କହିଛନ୍ତି ଯେ, 'ମୋହନ ସରକାର ଧାମନଗରକୁ ଏକ ଆଦର୍ଶ ଓ ବିକଶିତ ସହର ଭାବେ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ । ଜନସାଧାରଣଙ୍କ ମୌଳିକ ସୁବିଧା ସୁଯୋଗ ପହଂଚାଇବା ଆମର ପ୍ରାଥମିକତା ।' ମନ୍ତ୍ରୀଙ୍କ ଏହି ସରଳ ଜୀବନଶୈଳୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ସାଧାରଣ ମଣିଷ ଭାବେ ମିଳାମିଶା କରିବାର ପ୍ରକୃତି ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଧାମନଗରର ବିକାଶ ଦିଗକୁ ଆଗକୁ ନେବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପୁଣି ଥରେ ଦୋହରାଇଛନ୍ତି । ମନ୍ତ୍ରୀଙ୍କ ଏହି ପରିଦର୍ଶନ ବେଳେ ଉତ୍ତର ଉପକିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଧାମନଗର ଅତିରିକ୍ତ ତହସିଲଦାର ସାଇସିଲୋନା,ପୂର୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, ଜଳସେଚନ ବିଭାଗର ଏସ ଡି ଓ ସମ୍ପୁ ପ୍ରକାଶ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ବିନ୍ଦା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ମନ୍ତ୍ରୀଙ୍କ ଓଏସଡି ସଂପଦ ବଳେଜ ଓ କୀର୍ତିଶ ତ୍ରିପାଠୀଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପଥଚାରୀ ମାନଙ୍କୁ ଜଳସେବା

ଯାଜପୁର, ୦୪/୦୫(ଆ.ପ୍ର) : ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତି ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯାଜପୁର ଟାଉନସ୍ଥିତ ଗାନ୍ଧୀଜଳ ଠାରେ ପଥଚାରୀ ମାନଙ୍କୁ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପରିତ୍ର ବୈଶାଖ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରିରହିଥିବାରୁ ଗାନ୍ଧୀ ଜଳ ଠାରେ ପଥଚାରୀମାନେ ଅନୁଭାନର ସଦସ୍ୟ ସଦସ୍ୟମାନେ ଏକତ୍ରିତ ହୋଇ ଖରାଗରମକୁ ଖାତିରି ନକରି ଜଳ ସେବା କାର୍ଯ୍ୟକ୍ରମ କରିଥିଲେ । ପ୍ରଭାଶଥାରେ ପ୍ରତ୍ୟେକ ବର୍ଷ ଅନ୍ୱେଷଣ ପରିବାର ପକ୍ଷରୁ ପବିତ୍ର ବୈଶାଖ ମାସରେ ପଥଚାରୀମାନଙ୍କୁ ଜଳସେବା କାର୍ଯ୍ୟକ୍ରମ କରାଯାଏ । ଏହି ମହତ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ଶଶୁଲତା ଦୋଡ଼, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ ଯୋଗଦାନକରି ଜଳଦାନର

ଶୁଭାରମ୍ଭ କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋରକମିଟି ଅଧ୍ୟକ୍ଷ ସେକ୍ ଅବଦୁଲ୍ ସାଲିଦ୍, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦକ ସଚ୍ଚିନ୍ଦନା ବେହେରା, କୋଷାଧ୍ୟକ୍ଷ ଦିଜେନ୍ଦ୍ରନାଥ ରାଉତ, କୋରକମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ସୌଭାଗ୍ୟ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ବେହେରା, ଶିଶିର କୁମାର ମହାପାତ୍ର, ଶ୍ୟାମସୁନ୍ଦର ନାୟକ, ଜୟପ୍ରକାଶ ନାୟକ, କିଶୋର କୁମାର ଦାସ, ଉପେନ୍ଦ୍ର କୁମାର ଜେନା, ଗିରେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ନାୟକ, ସୁକାନ୍ତ ବନ୍ଦ୍ର ରାଉତ, ସତ୍ୟଜା ଦୁଟି ବେହେରା, ସଂଯୁକ୍ତା ପଣ୍ଡା, ରଞ୍ଜନ କୁମାର ମିଶ୍ର, ଅବକାଶ ରଥ, ସନ୍ତୋଷ କୁମାର ମିଶ୍ର, ଅଳିନ୍ ଜୁମାର ସାହୁ, ସହ ସଂଗଠନ ସମ୍ପାଦକ ତାରାଲାଲ ମଲ୍ଲିକ, ଚନ୍ଦନ ଜେନା, ରଂଜନ କୁମାର ବେହେରା, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗଦାନ କରି ପଥଚାରୀମାନଙ୍କୁ ଜଳସେବା ଭଳି ମହତ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିବା ସହ ଆଗାମୀ ଦିନିଦିନ ସାଏ ଏହି କାର୍ଯ୍ୟକ୍ରମ ଜାରିରହିବ ବୋଲି ସୂଚନା ପ୍ରଦାନ କରିଥିଲେ ।

# ଝରକା ଲଗାଇବା ବେଳେ ଲାଗିଲା ସକ୍ ଗଲା ଜୀବନ

ହାଟଡିହି, ୦୪/୦୫(ଆ.ପ୍ର) : ହାଟଡିହି ବ୍ଲକ ସାଳନିଆ ପଂଚାୟତର ବିଷ୍ଣୁପୁର ଗାଁରେ ମାଆଧର ବାରିକ ଓ ଗୋପିନାଥ ବାରିକଙ୍କର ଝରକା ଲଗାଇବାକୁ ଆସିଥିବା ବନ୍ଧ ଅଂଚଳରେ ଜଣେ ମିସ୍ତ୍ରୀ ଥିଲେ । ବାରିକ ପରିବାରର ଘର ଉପରେ ଥିବା ଲାଇନେଲ୍ କେଭି ବିଦ୍ୟୁତ୍‌ରେ ଲାଗି ଛାଡ ଉପସ୍ଥୁ ତଳକୁ ପଡିଯାଇଥିଲେ

ତାଙ୍କୁ ପ୍ରଥମେ ସାଳନିଆ ଡାକ୍ତର ଖାନା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନନ୍ତରିତ କରା ଯାଇଥିଲା । ସେଠାରେ ସେମାନାର ତାଙ୍କର ମୃତ୍ୟୁ ଘଟିଥିଲା । ଯାହାକୁ ନେଇ ଅଂଚଳ ରେ ଚର୍ଚ୍ଚା ହେଉଥିବା ବେଳେ ନଦିପଡା ଥାନାରେ ଲୌଖିସି ମାମଲା ରୁଜୁ ହୋଇଥିବା ଖବର ମିଳିଛି ।

# ଚୋରା ବାଲି ପରିବହନ ବେଳେ ଧରିଲା କେନ୍ଦୁଝର ଖଣି ବିଭାଗ

ହାଟଡ଼ିହି, ୦୪/୦୫(ଆ.ପ୍ର) : ସମଶା ପଂଚାୟତରେ ଗିରିଗାଁଘାରେ ବାଲି ପରିବହନ ପାଇଁ କୌଣସି ଲିଜ ନଥିବା ବେଳେ ଜିଏ ଓ କିପରି ଗାଡ଼ି ଗୁଡ଼ିକ ଲୋଡ ହେଉଥିବା ଡାଲୁନେଲ ଖଣି ଅଧିକାରୀ ମାନେ ପୁଲିସ ରେ ମାମଲା ଦେବେ କି ନାହିଁ ପ୍ରଶ୍ନ ଉଠିଛି । ଯେଉଁ ବାଲି ବୋଝେଇ ହାଲ୍କା ଗୁଡ଼ିକ ଧରା ପଡ଼ିଲେସେମାନଙ୍କୁ ଚୋରି ମାମଲା ରୁଜୁ କରିବା ସହ ବଡ ରକମର ଜୋରିମାନା ଆଦେୟ କଲେ ଚୋରି ବନ୍ଧ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତାହା ହେଉ ଯଦି ସେମାନଙ୍କୁ ପାଇନ କାଟି ଛାଡ଼ି ଦିଆଯିବ ଏହା ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଯୋଜଣ୍ଡାରୁ ଲାଭ୍ୟ କେନ୍ଦୁଝର ଓ ଜିଲ୍ଲା ଅଧିକାରୀ ମାନଙ୍କ ଏପରି କରିବା ଦ୍ୱାରା ପ୍ରଶାସନ ପ୍ରତି ଲୋକଙ୍କ ଭୟ ରହିବ ନାହିଁ । ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

# ବାବା ଧବଳେଶ୍ୱର ମନ୍ଦିରର ରତ୍ନମୁଦ୍ ସ୍ଥାପିତ

ଚନ୍ଦାଣ୍ଡି, ୦୪/୦୫(ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାଣ୍ଡି ବ୍ଲକ ଅନ୍ତର୍ଗତ ପାଟଘରିଆ ଗ୍ରାମ ଠାରେ ନୂତନ ରୂପେ ନିର୍ମିତ ହେଉଥିବା ବାବା ଧବଳେଶ୍ୱର ମନ୍ଦିରର ଆଜି ଗ୍ରାମବାସୀଙ୍କୁ ଦ୍ୱାରା ଚାର ରତ୍ନମୁଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ତାରିଖ ୦୩/୦୫ ରବିବାର ସନ୍ଧ୍ୟା ସମୟରେ ଗ୍ରାମବାସୀଙ୍କ ମାନେ ବାଜା ବାଜଦ ଘଂଟ ହୁଳହୁଳି ବେଜ ଅତି ଆନନ୍ଦ ଉଲ୍ଲାସ ର ସହିତ ସାହାଡ଼ା କାଠରେ ନିର୍ମାଣ କରାଯାଇଥିବା ଲଢ଼ା ରାହୁଣୀକୁ ସମସ୍ତ ଗ୍ରାମକୁ ପରିକ୍ରମା କରେଇଥିଲେ । ତାପରେ ସୋମବାର ଦିନ ବାବା ଧବଳେଶ୍ୱର ମନ୍ଦିରର ରତ୍ନମୁଦ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗ୍ରାମର ସମସ୍ତ ଲୋକମାନେ ନିଜ ନିଜ ଘରରୁ ଧାନ, ଚାଉଳ, ମୁଗ ବିରି ସୁନା,

ରୁପା ଇତ୍ୟାଦି ନେଇ ପୂଜକ ସିମ୍ପଂଚନ ରଥଙ୍କ ଦ୍ୱାରା ପୂଜାର୍ଚନା କରାଯାରେ ସେଇ ସମସ୍ତ ବସ୍ତୁରୁଜୁ ମନ୍ଦିର କୁମ୍ଭରେ ପକେଇ ଥିଲେ । ଏହି ରତ୍ନମୁଦ୍ରା କାର୍ଯ୍ୟକ୍ରମ ଉତ୍ସବରେ ଯୋଗଦେଇଥିବା ସମସ୍ତ ଙ୍କ ପାଇଁ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହି ରତ୍ନମୁଦ ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ସାଂସଦ ଉମେଶ ଚନ୍ଦ୍ର ମାଝୀ, ଉପାସକ ବାସୁଦେବ ଗୌଡ଼ ଗୌରହରୀ ନାୟକ, ପ୍ରଧାନ ପାଡି, ଗୋବିନ୍ଦ ଜେନ, ବିଧାୟକ ପ୍ରତିନିଧି ପ୍ରତାପ ବାଗ, ଚନ୍ଦାଣ୍ଡି ସଂଗୀତ ସମିତି ସଭ୍ୟ ପୋରସ ମାଝୀ, ପାଟଖାଲିଆ ଗ୍ରାମ ପଂଚାୟତର ସମିତି ସଭ୍ୟ ନିଳୁପମା ଧୁରୁଆ, ପୂର୍ବତନ ସମିତି ସଭ୍ୟ ତ୍ରିନାଥ ଦାଶ, ମଧୁସୂଦନ ନାଗେଶ, ସନାହୁ ଖୋଡି,ସହିତ ଅନେକ ଭକ୍ତବୃନ୍ଦ ମାନେ ଯୋଗ ଦେଇଥିଲେ । ହର ପୂଜାରୀ, ଉତ୍ସେକ୍ତ ପୂଜାରୀ, ଶ୍ୟାମସୁନ୍ଦର ନେତାମ, ସନ୍ତୋଷ ଦାଶ, ପ୍ରଦୀପ ଦାଶ, ଶ୍ରୀବତ୍ସ ପଣ୍ଡା କାର୍ତିକ ବୃଜାରି ଦୁତିକୃଷ୍ଣ ଶର୍ମା, ଅଭିରାମ ବଗର୍ତି, ସନ୍ଦବ୍ରେ ସୁନା, ତ୍ରିନାଥ ବୃଜାରି, ଶଙ୍କର ମାଝୀ, ଭୁଜବଳ ନାଗେଶ, ଶ୍ୟାମ ଖୋଡି, ପ୍ରେମନଥ ଦେବାଲ, ଟିକମ ବୃଜାରି ଗଣେଶ ମାଝୀ, ଲଗମନ ଲାଣ୍ଡ ସହିତ ପାଟଖାଲିଆ ଗ୍ରାମର ସମସ୍ତ ଆବାଳ ବୃଦ୍ଧ ବନିତା ଓ ଗ୍ରାମବାସୀ ମାନେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ ।

# ଶୁଭଲକ୍ଷ୍ମୀଙ୍କ ସଫଳତା, ୯୦% ନମ୍ବର ରଖି ବିଦ୍ୟାଳୟ ଓ ପରିବାର ପାଇଁ ଗୌରବ ଆଣିଲେ

ବାସୁଦେବପୁର, ୦୪/୦୫(ଆ.ପ୍ର) : ଉତ୍ତର ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରେରୁ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦେହପୁରର ମେଧାବୀ ଛାତ୍ରୀ ଶୁଭଲକ୍ଷ୍ମୀ ପଲାଲ ଚଳିତ ବର୍ଷର ମେଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଗୌରବ ଆଣିଛନ୍ତି । ତାଙ୍କର ଏହି ସଫଳତାକୁ ନେଇ ବିଦ୍ୟାଳୟ, ପରିବାର ଏବଂ ସମଗ୍ର ଅଂଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି । ବିଦେହପୁରର ଛାତ୍ରୀ ଶୁଭଲକ୍ଷ୍ମୀ ପଲାଲ ମେଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ତାଙ୍କର ଏହି କୃତିତ୍ୱ ବିଦ୍ୟାଳୟ, ପରିବାର ଓ ସମଗ୍ର ଅଂଚଳ ପାଇଁ ଗର୍ବର ବିଷୟ ପାଲଟିଛି । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶୁଭଲକ୍ଷ୍ମୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରିଥିଲେ । ଶୁଭଲକ୍ଷ୍ମୀଙ୍କ ପିତା ଫଂଚାନନ ପଲାଲ ଓ ମାତା ଅବନୀ ପଲାଲ ଓ ପିତାମା ପ୍ରଭଞ୍ଜନ ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ମହାନିଳ, ସବିତା ରାଣୀ ସାହୁ, ବିନୟ ରଞ୍ଜନ ମହାପାତ୍ର, ବିଜୁପ୍ରିୟ କୁମାର ନାୟକ, ମାନସ ରଞ୍ଜନ ଜେନା, ଅରବିନ୍ଦ ନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ , ଲୋପାମୁଦ୍ରା ପତି,ଏହି ସଫଳତାରେ ଖୁସି ପ୍ରକାଶ କରିଥିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଂଟନ କରି ଆନନ୍ଦ ପାଳନ କରିଥିଲେ । ଶୁଭଲକ୍ଷ୍ମୀ ପ୍ରତିଦିନ ପ୍ରାୟ ୮ ଘଂଟା ପଢୁଥିଲି । ଶୁଭଲକ୍ଷ୍ମୀ କହିଛନ୍ତି ଏହି ସଫଳତାର ଶ୍ରେୟ ମୋର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଓ ପିତାମାତାଙ୍କୁ ଦେଉଛି । ଭବିଷ୍ୟତରେ ଡାକ୍ତର ହୋଇ ଦେଶ ଓ ସମାଜ ପାଇଁ କାମ କରିବାକୁ ଇଚ୍ଛା ରଖିଛି ।

# ଚୋରା ବାଲି ପରିବହନ ବେଳେ ଧରିଲା କେନ୍ଦୁଝର ଖଣି ବିଭାଗ

ହାଟଡ଼ିହି, ୦୪/୦୫(ଆ.ପ୍ର) : ସମଶା ପଂଚାୟତରେ ଗିରିଗାଁଘାରେ ବାଲି ପରିବହନ ପାଇଁ କୌଣସି ଲିଜ ନଥିବା ବେଳେ ଜିଏ ଓ କିପରି ଗାଡ଼ି ଗୁଡ଼ିକ ଲୋଡ ହେଉଥିବା ଡାଲୁନେଲ ଖଣି ଅଧିକାରୀ ମାନେ ପୁଲିସ ରେ ମାମଲା ଦେବେ କି ନାହିଁ ପ୍ରଶ୍ନ ଉଠିଛି । ଯେଉଁ ବାଲି ବୋଝେଇ ହାଲ୍କା ଗୁଡ଼ିକ ଧରା ପଡ଼ିଲେସେମାନଙ୍କୁ ଚୋରି ମାମଲା ରୁଜୁ କରିବା ସହ ବଡ ରକମର ଜୋରିମାନା ଆଦେୟ କଲେ ଚୋରି ବନ୍ଧ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତାହା ହେଉ ଯଦି ସେମାନଙ୍କୁ ପାଇନ କାଟି ଛାଡ଼ି ଦିଆଯିବ ଏହା ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଯୋଜଣ୍ଡାରୁ ଲାଭ୍ୟ କେନ୍ଦୁଝର ଓ ଜିଲ୍ଲା ଅଧିକାରୀ ମାନଙ୍କ ଏପରି କରିବା ଦ୍ୱାରା ପ୍ରଶାସନ ପ୍ରତି ଲୋକଙ୍କ ଭୟ ରହିବ ନାହିଁ । ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

# ଜିଲ୍ଲାପାଳ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୦୪/୦୫(ଆ.ପ୍ର) : ଆଜି ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ

ଦୈନିକ
# ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୫ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

## ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ

ଜଗତସିଂହପୁର, ୦୪/୦୫(ଆ.ପ୍ର) : ଜଗତସିଂହପୁର ଜିଲ୍ଲା ପଙ୍କଜାଳ ସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନବିକାଶ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାବାଜି ଚରଣ ପୃଷ୍ଟିଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମାନ୍ୟବର ଶିକ୍ଷ ଦକ୍ଷତା ବିକାଶ ଓ ବୈଜ୍ଞାନିକ ଶିକ୍ଷାର ବିଧାୟକ ସଂପଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନ ରାଜ୍ୟ ସଭା ସତ୍ୟସ୍ୱରୂପ ପଟ୍ଟନାୟକ ଅନୁଷ୍ଠାନିକଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ । ଶ୍ରୀ ସତ୍ୟସାଇ ଟ୍ରଷ୍ଟର ଜନଜୁନର ଅବସର ପ୍ରାପ୍ତ ଆଇଏଏସ ଅକ୍ଷୟ କୁମାର ପାଣି,ସ୍ପଷ୍ଟ ଆବାଜକ୍ରା ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଅକ୍ଷୟ ଦାସ, ଶରତ ଚନ୍ଦ୍ର ମହାନ୍ତି, ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ, ସ୍ଥାନୀୟ ଶୁରେନ୍ଦ୍ର ଅତିଥି ମଂଚରେ ଥିଲେ ବିଭିନ୍ନ ବେହେରା ସତ୍ୟସାଇ ସେବା ସଙ୍ଗଠନର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସମୂହ ଉପସ୍ଥିତ ଥିଲେ । ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମାନ୍ୟବର ବିଧାୟକ ଶ୍ରୀ ସଂପଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନ ରାଜ୍ୟ ସଭା ସତ୍ୟସ୍ୱରୂପ ପଟ୍ଟନାୟକ ଅନୁଷ୍ଠାନିକଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ । ଜୀବନର ସ୍ୱମୁଖ ସାଲାର କରିବାପାଇଁ ଲକ୍ଷ୍ୟ ରଖି ଆମେ ନିଃସ୍ୱାର୍ଥଭାବେ କର୍ମ କରିବା ତେବେ ସଙ୍ଗଠନର ଶେଷ ସୋପାନରେ ନିଶ୍ଚୟ ପହଁଚିପାରିବ ବୋଲି ମାର୍ଗଦର୍ଶନ କରାଯାଇଥିଲେ । ରାଜ୍ୟ ସଭାପତି ଶ୍ରୀ ସତ୍ୟସାଇଙ୍କ ଶିକ୍ଷା, ଦର୍ଶନ ଓ ମାନବ ସମାଜକୁ ଉତ୍କର୍ଷ ସେବା ଆଜି ବିଶ୍ୱସମୁଦାୟକୁ ଉଦ୍ବୁଦ୍ଧ କରିଛି । ତେବେ ଆଜି ଘଟଣାଚକ୍ରରେ ଶିକ୍ଷିତ ବାଲ୍ଲିଙ୍କଠାରୁ ମୂଲ୍ୟବୋଧ ଜଡିଯିବାକୁ ବର୍ତ୍ତିଥିଲାବେଳେ ଏହି ବିଦ୍ୟାଳୟର ପ୍ରତିଟି ଶିକ୍ଷା ଓ ସେବା ପୁଣି ସମାଜ କୁ ସ୍ପର୍ଶ କରି ଗଢି ତୋଳିବାର ଯେଉଁ ଅଭିନବ ପ୍ରୟାସ ଆରମ୍ଭ କରିଛି ସେଥିପାଇଁ ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ବିଶେଷ ଭୂମିକା ରହିଛି ଓ ବାବାଙ୍କର ବିଦ୍ୟାବାଣୀ 'ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କର ସେବା କର'କୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଆଗାମୀ ପିଢିକୁ ପ୍ରସ୍ତୁତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେଉ ବୋଲି କହିଥିଲେ । ଛାତ୍ରୀ ଐଶ୍ୱର୍ଯ୍ୟ ପ୍ରିୟଦର୍ଶିନୀ ଓ ଆଦ୍ୟାଶା ପ୍ରକାଶ ମହାରଣା କାର୍ଯ୍ୟକ୍ରମଗୁଡ଼ିକୁ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ । ବିଗତ ଦ୍ୱିତୀୟ ବିଶ୍ୱ ବେଦ ସମ୍ମିଳନୀ ପ୍ରଶାନ୍ତିନିଳୟମ ଠାରେ ଆମ ବିଦ୍ୟାଳୟ ତରଫରୁ ମନୋନୀତ ହୋଇଥିବା ଛାତ୍ରୀମାନେ ଏହି ଦିବ୍ୟ ପରିବେଶ ମଧ୍ୟରେ ସମସ୍ତଙ୍କୁ ନିଜର କଳାକୃତି ମାଧ୍ୟମରେ ଲାଭ୍ୟ ପ୍ରଦର୍ଶନ କରି ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଯାହାକୁ ଦେଖି ସମସ୍ତ ବିଶ୍ୱର ସାଇପ୍ରେମୀ ଭାଇ ଭଉଣୀମାନେ ଆକର୍ଷିତ ହୋଇଥିଲେ ।ଏହି ସଫଳତା ବିଦ୍ୟାଳୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଗ କରିଥିଲା । ଏଥିରେ ଜିଲ୍ଲା ସଭାପତି ଅନ୍ୟସ୍ତ ପ୍ରାତ ହୋଇ ପିଲାମାନଙ୍କୁ ଆଶୀର୍ବାଦ କରିବା ସହ ତ୍ରୁଟି ପ୍ରଦାନ କରିଥିଲେ । ଶିକ୍ଷା ବର୍ଷ ୨୦୨୫ - ୨୬ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ସଫଳତା ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ । ଶ୍ରେଷ୍ଠ ଖେଳାଳୀ ଭାବେ ରାଜ ଦେବାନନ୍ଦ ସ୍ୱାଇଁ, ପରିଷ୍କାର ପରିଚ୍ଛନ୍ନତା ପାଇଁ ଅନରେଖ ଗାରତ, ସମୟ । ନୁତନଦିଶ ପାଇଁ ଐଶ୍ୱର୍ଯ୍ୟ ପ୍ରିୟଦର୍ଶିନୀ, ଶିକ୍ଷାଦା ପାଇଁ ସାଇଅଙ୍ଗ ଜଣ୍ଡ, ସର୍ବାଧିକ ଉପସ୍ଥାନ ପାଇଁ ଅଭି ଲିସା ଦାସ, ଶିକ୍ଷାକ୍ଷେତ୍ରରେ ସର୍ବୋଚ୍ଚ ଦକ୍ଷତା ପାଇଁ ଆଦ୍ୟାଶା ଦାସ, ଶ୍ରେଷ୍ଠ ଅଭିନୟ ପାଇଁ ବିଦ୍ୟାଂଶୁ ସିଂ, ଶ୍ରେଷ୍ଠ ନୃତ୍ୟ ପାଇଁ ଆଦ୍ୟାଶା ପ୍ରିୟଦର୍ଶିନୀ ବେହେରା, ଶ୍ରେଷ୍ଠ ବକ୍ତୃତା ପାଇଁ ଦେବାଶିସ ଦାଶ, ଶ୍ରେଷ୍ଠ ଆଙ୍କାକାରୀ ଆଦ୍ୟାଶା ପ୍ରକାଶ ମହାରଣା, ଶ୍ରେଷ୍ଠ ଲଣ୍ଡଶିଳ୍ପୀ ବିଦିତ ମହାନ୍ତି, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପ୍ରିୟାଂଶୁ ଆର୍ଯ୍ୟନ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶ୍ରୀରାଂଶୁ ମଣ୍ଡଳଙ୍କୁ ହୃଦୟଙ୍ଗମ ଗଭୀର ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଭଳି ଉଚ୍ଚକ୍ଷ ମାନ ହୋଇବାଷ୍ଟ ହୋଇ ଅନ୍ୟପାଇଁ ପ୍ରେରଣାର ଲକ୍ଷ ହୁଅ ବୋଲି କୁହାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅଭିଲାବକମାନଙ୍କର ନିରବଚ୍ଛିନ୍ନ ସେବା ଓ ଭଲ ପାଇବାପାଇଁ ସେମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସଭା ସ୍ୱେଚ୍ଛାମୟୀ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ପରେ ପିଲାମାନଙ୍କଦ୍ୱାରା ସଂସ୍କାର ଧର୍ମୀ, ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରାଗବନ୍ଦନ ମଙ୍ଗଳ ଆରତୀ ପରେ ଉତ୍ସବକୁ ସାଙ୍ଗ କରାଯାଇଥିଲା ।

## ଦୁଇ ଆଦର୍ଶ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ପଣ୍ଡା ଓ ଜ୍ୟୋତ୍ସାମୟୀ ପଣ୍ଡାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ଉତ୍ରକ, ୦୪/୦୫(ଆ.ପ୍ର) : ଜୀବନବ୍ୟାପୀ ଶିକ୍ଷା ଦାନ କରି ଦୁଇ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋତ୍ସାମୟୀ ପଣ୍ଡା ଏକକାଳୀନ ରୋଟିଏ ବିଦ୍ୟାଳୟରୁ ଅବସର ନେବା ଦିବସରେ ସ୍ଥାନୀୟ ଅଂଚଳରେ ସ୍ୱତନ୍ତ୍ର ଭାବାବେଗ ସୃଷ୍ଟି ହୋଇଛି । ଉତ୍ରକ ମିଳାପୁର ନାଥ ସାହିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଂଚଳିକ ସାଧାରା କେନ୍ଦ୍ର ସଂଯୋଜିକା ତଥା ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ଜଲଙ୍କ ସଂପୋଜନାରେ ପଣ୍ଡିତ ଦେବୀଧାରି ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନାଦର୍ଶ ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିବା ବେଳେ ଶିଶୁ ସାହିତ୍ୟିକ ଜଂ ଅଭୟ ମୁଦାର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖୁଣ୍ଟିଆ ଉତ୍ରେଖ୍ୟ ଅତିଥି, ଶିକ୍ଷାବିତ୍ ଗୀତାରାଣୀ ଆଚାର୍ଯ୍ୟ, ହରେକୃଷ୍ଣ ଜେନା, ପୂର୍ବତନ ଅଧକ୍ଷ ଶିବ ଚରଣ ଖାଗୁରାଇ ସ୍ୱତନ୍ତ୍ର ଅତିଥି, ଲାଖର ବହୁ ପଣ୍ଡା, ଦ୍ରୌପଦୀ ସାହୁ, ଜୈନାସ ଚହୁ ଜେନା, ମହେଶ୍ୱର ମଲ୍ଲିକ, ଅନୁଣ୍ଣ କୁମାର ମଲ୍ଲିକ, ରଣ୍ଜିତା ଦାଶ, ରତ୍ନାକର ପଣ୍ଡା, ଶମ୍ଭାର କୁମାର ଜେନା, ମୀନା କୁମାରୀ ଦାସ, ମଧୁମିତା ପାଣି, ସନ୍ତୋଷ କୁମାର ବେହେରା, ଗୀତାଞ୍ଜଳି ବେହେରା, ମଧୁମିତା ମାଝୀ, ଲକ୍ଷ୍ମୀପ୍ରୀୟା ମୁର୍ମୁ, ମଧୁସ୍ମିତା ମହାନ୍ତି, ଗୌରୀ ଶତପଥୀ, ଗୀତାଞ୍ଜଳି ମହାନ୍ତି, ଜାନକୀ ପାଢ଼ୀ, ମନୋରମା ରାୟ, ପ୍ରଣତୀ ମଲ୍ଲିକ, ଗୋପାଳଚନ୍ଦ୍ର ଦାଶ, ଦେବସ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ସରାଗରେ ତାଙ୍କର ପ୍ରିୟ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ଜୀବନାଦର୍ଶ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷଣୀୟ ପାଲା ପରିବେଷଣ କରି କିଛି ସମୟ ପାଇଁ ସଭାକୁ ମନ୍ତ୍ରମୁଗ୍ଧ କଲା ପରି ଉପସ୍ଥିତ ସମସ୍ତଙ୍କୁ ମୋହିତ କରିଥିଲେ । ଏହି ଅବସରରେ ଜୀବନବ୍ୟାପୀ ଶିକ୍ଷା ପ୍ରଦାନ କରି ସମସ୍ତଙ୍କ ନିକଟରେ ପ୍ରିୟ ହୋଇଥିବା ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୃତି ଓ କୃତିତ୍ୱ ପାଇଁ ଓଡ଼ିଶା ରାଜ୍ୟ ପୂଜ୍ୟ ପୂଜା ପରିଷଦ ପକ୍ଷରୁ ଶ୍ରୀମତୀ ଦ୍ରୌପଦୀ ସାହୁ ଏବଂ ଅରୁଣ କୁମାର ମଲ୍ଲିକଙ୍କୁ ଶିକ୍ଷା ରତ୍ନ ସମ୍ମାନ, ବିଜୟଲକ୍ଷ୍ମୀ ପଣ୍ଡା, ଜ୍ୟୋତ୍ସାମୟୀ ପଣ୍ଡା ଏବଂ ଉଣ୍ଡିରୀ ଦାଶଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଓ ରମାପଦ ରଣାଙ୍କୁ ଆଦର୍ଶ ଗୁରୁଜୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସରୋଜ, ଗ୍ରାମବାସୀ, ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମିଳାପୁର ନାଥ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପ୍ରିୟ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋତ୍ସାମୟୀ ପଣ୍ଡାଙ୍କୁ ଉତ୍ତମ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଭାବମୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ଜଲ ଧନ୍ୟବାଦ ଅର୍ପଣ କରିବା ପରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ସମ୍ମାନର ସହିତ ବିଦାୟ ଦେଇଥିଲେ ।

## କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳିତ

କଳାହାଣ୍ଡି, ୦୪/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କଳାହାଣ୍ଡି ପକ୍ଷରୁ ଆଜି ବିଶ୍ୱ ଶ୍ରମିକ ଦିବସ ଅବସରରେ ରାଜନାଥାଟଣୀ ଟାଉନ୍ ହଲ୍‌ରେ ପୂର୍ବାହ୍ନ ୧୦ ଘଟିକାରେ ଏକ ନିର୍ମାଣ ଶ୍ରମିକ ସମ୍ବାୟତା ବଂଟନ ଶିବିର ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହ ଦେଓ ଯୋଗଦେଇଥିଲେ । ଏହା ସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଦନ୍ତୁୟ କୁମାର ଦରଖୁଣ, ଲୋକସଭା ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ରମାନ ପଟ୍ଟନାୟକ ଏବଂ ପ୍ରଭାତୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ପରିମିତା ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ରଣ୍ଜିତା ନାୟକ ସ୍ୱାଗତ ଭାଷଣ ଦେଇ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ କାର୍ଯ୍ୟକ୍ରମକୁ ସୁନ୍ଦାରୁ ଭାବେ ପରିଚାଳନା କରିଥିଲେ । ଏହି ଶିବିରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ସମୁଦାୟ ୪୮୫ ଜଣ ଶ୍ରମିକଙ୍କୁ ମୋଟ ୪,୭୩,୪୪,୮୦୦ ଟଙ୍କାର ସହାୟତା ରାଶି ବଂଟନ କରାଯାଇଥିଲା । ଏଥିରେ ବିଦାନ୍ଦ ସହାୟତା: ୧୩୩ ଜଣଙ୍କୁ ୩,୮୩,୦୦,୦୦୦ ଟଙ୍କା ମୃତ୍ୟୁ ସହାୟତା: ୧୨୧ ଜଣଙ୍କୁ ୬,୦୫,୦୦୦ ଟଙ୍କା ଶିକ୍ଷା ସହାୟତା: ୧୫୫ ଜଣଙ୍କୁ ୭୭,୨୫,୦୦୦ ଟଙ୍କା ମାତୃତ୍ୱ ସହାୟତା: ୧୯ ଜଣଙ୍କୁ ୧,୯୦,୦୦୦ ଟଙ୍କା ଅନ୍ୟାନ୍ୟ ସହାୟତା: ୫୭ ଜଣଙ୍କୁ ୫,୨୫,୮୦୦ ଟଙ୍କା ଏହା ସହିତ ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଂଟନ କରାଯାଇଥିଲା । ସେହିପରି ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୧ ଜଣ ଶ୍ରମିକଙ୍କୁ ୨,୦୦,୦୦୦ ଟଙ୍କାର ମୃତ୍ୟୁ ସହାୟତା ଦିଆଯାଇଥିବା ସହ ୪୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦୦ ଜଣ ନିର୍ମାଣ ଓ ଅଣସଂଗଠିତ ଶ୍ରମିକ, ଟ୍ରେଡ୍ ୟୁନିଅନ୍ କର୍ମକର୍ତ୍ତା, ମିଡିଆ ପ୍ରତିନିଧି ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ରାଜ୍ୟରେ ବିଜେପିର ବିଜୟ ପରେ ଜି.ଉଦୟଗିରି ବିଜୟ ଉତ୍ସବ

ଜି.ଉଦୟଗିରି, ୦୪/୦୫(ଆ.ପ୍ର) : ପଶ୍ଚିମବଙ୍ଗ, ପୁଦୁଚେରୀ, ଆସାମରେ ହୋଇଥିବା ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ର ବିପୁଳ ବିଜୟ ପରେ ସାରା ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଥିବା ବେଳେ ଜି.ଉଦୟଗିରି ଭାରତୀୟ ଜନତା ପାର୍ଟି ତରଫରୁ ବିଜୟ ଉତ୍ସବ ପାଳନ କରାଯାଇଛି । ଆଜି ସଂଧ୍ୟା ୭ ଘଂଟିକା ସମୟରେ ଭାଜପାର ନେତୃତ୍ୱଦ୍ୱ ଓ କର୍ମକର୍ତ୍ତା ସ୍ଥାନୀୟ ହାତୀଖାନ ଠାରେ ଥିବା କାର୍ଯ୍ୟାଳୟରୁ ବାହାରି ଗାନ୍ଧୀ ଚକ ଠାରେ ଜାଣ ଫୁଟାଇ ଭାଜପା ଜିନ୍ଦାବାଦ ନାରା ସହ ମିଠା ଖୁଆଇ ଖୁସି ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍ୱରନ୍ତ ଜନ୍ୟୟକ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଶିଶୁ ସୁରକ୍ଷା ପରିଷଦ ସଦସ୍ୟା ଭୁସ୍ମିତା ଜେନା, ନଗର ସଭାପତି ଲେଙ୍କଟେଶ୍ୱର ଦେବେଲା, ବୁଲ ସଭାପତି ଦିରାଜ କର୍ଣ୍ଣର, ପରିଷଦର କାର୍ଯ୍ୟସିଚିବ ସଂଗୀତା ନାୟକ, କାର୍ଯ୍ୟସିଚିବ ଭୁସ୍ମିତା ମଲ୍ଲିକ, ଦେବବ୍ରତ ସାହୁ, ମନୋଜ ମହାପାତ୍ର,ବରିଷ୍ଠ କର୍ମୀ ଲକ୍ଷ୍ମଣ ଆଚାର୍ଯ୍ୟ, ଅଶୋକ ଆଚାର୍ଯ୍ୟ, ବିଶ୍ୱମ୍ଭର ମହାରଣା, ଜ୍ଞାନ ପ୍ରଧାନଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଛାତ୍ର ଛାତ୍ରୀଙ୍କୁ ଲକ୍ଷ୍ମୀ ବସ୍‌ରେ ଯିବା ଆସିବା ପାଇଁ ଜିଲ୍ଲାପାଳଙ୍କ ସୁପାରିଶ

କଳାହାଣ୍ଡି, ୦୪/୦୫(ଆ.ପ୍ର) : ଆଜି ସୋମବାର ଦିନ କଳାହାଣ୍ଡି ଜିଲ୍ଲା ପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା, ଏହି ଅବସରରେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା ତେବେ କଳାହାଣ୍ଡି ଜିଲ୍ଲା ଏସପି ନାଗ ରାଜ ଦେବର ଲୁଣ୍ଡା, ଜିଲ୍ଲା ପରିଷଦ ନିର୍ବାଚନୀ ଅଧିକାରୀ (ପିଡି) ସମ୍ମୋ ରଞ୍ଜନ ପ୍ରଧାନ, ଡେପୁଟି କଲେକ୍ଟର ଲମ୍ବୁଧର ନାଇକ, ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରଭା ଅଗ୍ରୱାଲ ଓ ବିଭିନ୍ନ ବିଭାଗର ଅଫିସର ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଗୋଲାମୁଣ୍ଡା ବ୍ଲକର ଆଦର୍ଶ ବିଦ୍ୟାଳୟ ଓ କଲେଜର ପ୍ରାୟ ଅଧିକାଂଶ ଛାତ୍ର ଛାତ୍ରୀ ସକାଳ ସମୟରେ ଲକ୍ଷ୍ମୀ ବସରେ ଯାଇ ଆନ୍ତି । ସେହି ଲକ୍ଷ୍ମୀ ବସ ଅପରାହ୍ନ ଏକଟା ତିରିଶ ମିନିଟ ସମୟରେ ଗୋଲାମୁଣ୍ଡା ରୁ ଫେରି ଆସି ଥାଏ, ଏହା ଫଳରେ ଛାତ୍ର ଛାତ୍ରୀ ମାନେ ଲକ୍ଷ୍ମୀ ବସ ନ ପାଇ ଅନେକ ପ୍ରକାର ଅସୁବିଧା ଦେଖା ଦିଏ ଥାଏ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା, । ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ବ୍ୟବସାୟ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତିଙ୍କ ନେତୃତ୍ୱରେ ଓ ଅଭିଭାବକ ସମେତ ଲକ୍ଷ୍ମୀ ବସ ଏକଟା ତିରିଶ ମିନିଟ ପରିବର୍ତ୍ତେ ଅପରାହ୍ନ ଚାରିଟା ତିରିଶ ମିନିଟରେ ଫେରିଲେ ଛାତ୍ର ଛାତ୍ରୀ ମାନେ ସୁଗୁଣ୍ଡୁରେ ଦେଖିଲା ଯିବା ଆସିବା କରିବା ସହ ଶିକ୍ଷାଦାନରେ ଉପକୃତ ହୋଇ ପାରିବେ ବୋଲି କଳାହାଣ୍ଡି ଜିଲ୍ଲା ପାଳଙ୍କୁ ଜଣାଇ ଥିଲେ । ଏହି ଆପତିକୁ ବିଚାରି ଗ୍ରାମ ପଂଚାୟତ ସରପଂଚ ମଦନ ପଟେଲ ଟେମରି ସରପଂଚ ଲକ୍ଷ୍ମୀ ସା, ଦଣ୍ଡପୁର ସରପଂଚ ଜଂଜନ କୁମାର ସାହୁ, ଫରଙ୍ଗ ସରପଂଚ ହିରାଦେବି ରୋଲ, ପୃଷ୍ଠା ସରପଂଚ ଧନୁର୍ଜୟ ସାହୁ ପ୍ରମୁଖ ସମର୍ଥନ କରି ଥିବା ବେଳେ ଅଭିଭାବକ କେଶରୀ ସୁନାନୀ, ଲୁଚୁ ନାଇକ ଓ ବ୍ରହ୍ମ ସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତି ଜିଲ୍ଲାପାଳଙ୍କୁ କଳାହାଣ୍ଡାରୁ ଜିଲ୍ଲାପାଳ ତୁରନ୍ତ ବିଭାଗୀୟ ଅଧିକାରୀ OSRTCଙ୍କୁ ନିର୍ଦ୍ଦେଶ ଦେଇ ଥିଲେ, OSRTC ରିଜିଧାରୀ ବାଗ ଆଗାମି ଦିନରେ ନିଶ୍ଚୟ ଲକ୍ଷ୍ମୀ ବସ ରେ ଛାତ୍ର ଛାତ୍ରୀ ଦୈନିକ ଯାଇ ପାରିବେ ବୋଲି ଜିଲ୍ଲାପାଳଙ୍କ ଆଦେଶକୁ ପାଳନ କରି ଥିଲେ

ଦୈନିକ
# ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୫ ମାର୍, ଅପ୍ରେଲ୍, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୮

## ଓଡ଼ିଶା ନ୍ୟାୟପାଳିକାଙ୍କ ଜାମିନ୍ ସର୍ତ୍ତାବଳୀକୁ ସୁପ୍ରିମକୋର୍ଟଙ୍କ ତୀବ୍ର ନିନ୍ଦା

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ଓଡ଼ିଶା ହାଇକୋର୍ଟ ଓ ରାୟଗଡ଼ାର କେତେକ କୋର୍ଟ ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଅଭିଯୁକ୍ତମାନଙ୍କୁ ଦୁଇ ମାସ ପାଇଁ ପୁଲିସ କ୍ଷେତ୍ରର ସଫା କରିବା ପରି ବାଧ୍ୟତାମୂଳକ ଜାମିନ ସର୍ତ୍ତାବଳୀ ଲାଗୁ କରିବାକୁ ସୁପ୍ରିମକୋର୍ଟ ତୀବ୍ର ନିନ୍ଦା କରିଛନ୍ତି । ଏପରି ଏକ ମାମଲାରେ ରାୟ ଦେବ ସୋମବାର ସୁପ୍ରିମକୋର୍ଟ ଓଡ଼ିଶା ନ୍ୟାୟପାଳିକାଙ୍କ ନିର୍ଦ୍ଦେଶାବଳୀକୁ ଅତ୍ୟନ୍ତ ଘୃଣ୍ୟ ବୋଲି କହିଥିଲେ । କୋର୍ଟ ଆହୁରି କହିଥିଲେ ଯେ, ଏହା ନ୍ୟାୟପାଳିକାଙ୍କ ଦ୍ୱାରା ଜାତିଗତ ପକ୍ଷପାତକୁ ପ୍ରତିଫଳିତ କରୁଛି । କୋର୍ଟ ତାଙ୍କ ରାୟରେ କହିଛନ୍ତି ? ଯେ, ଓଡ଼ିଶା ନ୍ୟାୟପାଳିକା ମାନବାଧିକାରର ଖୋଲାଖୋଲି ଲଙ୍ଘନକାରୀ କରୋଣ, ଅପମାନଜନକ ସର୍ତ୍ତାବଳୀ ପ୍ରବର୍ତ୍ତନ କରି ଉପନିବେଶବାଦୀ ମାନସିକତା ପ୍ରଦର୍ଶନ କରିଛି । ଏପରି ରାୟ ଅଭିଯୁକ୍ତଙ୍କ ମର୍ଯ୍ୟାଦା ଉପରେ ଆଘାତ କରେ । ଜାମିନ ସର୍ତ୍ତାବଳୀକୁ 'ଅବୈଧ' ଘୋଷଣା କରି ଉଚ୍ଚଷ୍ଟାନରେ ଅନ୍ୟ କୌଣସି ରାଜ୍ୟ ନ୍ୟାୟପାଳିକା ଏପରି ଜାତିଗତ ଓ ଦମନକାରୀ ସର୍ତ୍ତାବଳୀ ଲାଗୁ କରିବା ଉଚିତ୍ ନୁହେଁ, ଯାହା ଗୁରୁତର ସାମାଜିକ ଘୃଣା ସୃଷ୍ଟି କରିବାର ସମ୍ଭାବନା ରଖେ ବୋଲି ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେବା ସହିତ ଦେଶର ସମସ୍ତ ହାଇକୋର୍ଟଙ୍କୁ ଏହି ରାୟର କପି ପଠାଇଛନ୍ତି । କୋର୍ଟ କହିଛନ୍ତି ଯେ, ଅଭିଯୁକ୍ତମାନେ ଅବଚେତିତ ସମ୍ପ୍ରଦାୟରୁ ହୋଇଥିବାରୁ ଏପରି ଦୂର୍ଭାଗ୍ୟଜନକ ପରିସ୍ଥିତିରୁ ଏକ ଧାରଣା ସୃଷ୍ଟି ହୁଏ ଯେ, ରାଜ୍ୟ ନ୍ୟାୟପାଳିକା ଜାତିଗତ ପକ୍ଷପାତିତା କରୁଛି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ସର୍ତ୍ତାବଳୀ ସମ୍ପର୍କରେ ରିପୋର୍ଟ ଉପରେ ପାଞ୍ଜିକୃତ ଏକ ସ୍ୱତଃପ୍ରବୃତ୍ତ ମାମଲା ଉପରେ ବିଚାର ଜରି ଏପରି ରାୟ ଦେଇଛନ୍ତି । ଆଡଭୋକେଟ ଜେନେରାଲ ପିଠାମର ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଦୁର୍ଭାଗ୍ୟବଶତଃ, ଓଡ଼ିଶାର ହାଇକୋର୍ଟ ଓ କିଛି ଜିଲ୍ଲା କୋର୍ଟ ଏହି ଜାମିନ ସର୍ତ୍ତାବଳୀ ଲାଗୁ କରୁଛନ୍ତି, ଯାହା ଘୃଣା ଏବଂ ଜାତିଭିତିକ ପକ୍ଷପାତିତାକୁ ପ୍ରତିଫଳିତ କରୁଛି । ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମେ ୨୮, ୨୦୨୫ରେ ଓଡ଼ିଶା ହାଇକୋର୍ଟ ଏପରି ରାୟ ପ୍ରଦାନ କରିଥିଲେ । ଲୁମେଶ୍ୱର ନାଏକଙ୍କୁ କାଶୀପୁର ପୁଲିସ କ୍ଷେତ୍ରର ସଫା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମେ ୨୦୨୫ରୁ ଜାନୁଆରି ୨୦୨୬ ପର୍ଯ୍ୟନ୍ତ ଏପରି ଆଠଟି ରାୟ ପ୍ରକାଶ ପାଇଥିବାବେଳେ ୬ଟି ରାୟ ରାୟଗଡ଼ା ଜିଲ୍ଲାର ବିଭିନ୍ନ କୋର୍ଟ ଓ ଗୋଟିଏ ହାଇକୋର୍ଟଙ୍କ ଦ୍ୱାରା ଦିଆଯାଇଥିଲା ।

## ପଶ୍ଚିମବଙ୍ଗରେ ନିର୍ବାଚନର ପରବର୍ତ୍ତୀ ହିଂସା : ଟିଏମସି କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ନେତାଙ୍କୁ ମାଡ଼ !

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ-୨୦୨୬ରେ ବିଜେପି ଐତିହାସିକ ବିଜୟ ଆଡ଼କୁ ବଢୁଛି । ଏହି ମଧ୍ୟରେ, ପୁରା ରାଜ୍ୟରେ ତୃଣମୂଳ କଂଗ୍ରେସର କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ସେଠାରେ ଲାଗି ଥିବା ଫ୍ଲେକ୍ସ ବୋର୍ଡ, ବ୍ୟାନର ଓ ପତାକାକୁ ଚିରା ଯିବାର ଘଟଣା ସାମ୍ନାକୁ ଆସିଛି । ହେଲେ, ବିଜେପି ଏହି ଘଟଣାରେ କୌଣସି ପ୍ରକାରର ସାମିଲ ହେବାକୁ ମନା କରିଛି । ଟିଏମସି ଦାବି କରିଛନ୍ତି ଯେ, ନିର୍ବାଚନ ଦ୍ରେଣ୍ଡ ସ୍ପଷ୍ଟ ହେବାର କିଛି ସଂଗ୍ରହ ପରେ ବର୍ତ୍ତମାନ ୨୪ ପରଗଣାର ଉତ୍ତରପଡ଼ା, ଭୁଟ ବିହାରର ତୁଫାନଗଞ୍ଜ ଓ ଉତ୍ତର ୨୪ ପରଗଣାର ପାନିହାଟି ସ୍ଥିତ ଏହାର କାର୍ଯ୍ୟାଳୟ ବାହାରେ ଉତ୍ତରଦ୍ୱାରା ଜମା ହୋଇ ସେଠାରେ ଭଙ୍ଗାରୁଜା କରୁଛନ୍ତି । ବରୁଇପୁରରେ ସ୍ଥାନୀୟ ତୃଣମୂଳ କଂଗ୍ରେସ (TMC) ନେତା ଅଭିଯୋଗ କରିଛନ୍ତି ଯେ, କିଛି ଦୁର୍ବୃତ୍ତ ବଜାୟ କାର୍ଯ୍ୟାଳୟରେ ଲାଗିଥିବା ଫ୍ଲେକ୍ସ ବୋର୍ଡ ଏବଂ ବ୍ୟାନରଗୁଡ଼ିକୁ ଚିରି ପଳାଇଛନ୍ତି । ସେମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଫଟୋକୁ ତଳେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ବରିଷ୍ଠ ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ଦଳ ମୁତୟନ କରାଯାଇଛି ଏବଂ କାର୍ଯ୍ୟାଳୟ ବାହାରେ ଜମା ହୋଇଥିବା ଭିଡ଼କୁ ହଟାଇ ଦିଆ ଯାଇଛି । ସେହିପରି ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର ଜମୁରିଆରେ ଅଜ୍ଞାତ ବ୍ୟକ୍ତିମାନେ ଟିଏମସି କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି । ତୃଣମୂଳ କଂଗ୍ରେସର ଜଣେ ନେତାଙ୍କ କହିବା ଅନୁଯାୟୀ, ଆସାନସୋଲରେ ମଧ୍ୟ ବଜାୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି ଏବଂ ଏହି ଘଟଣା ପଛରେ ବିଜେପି ସମର୍ଥକଙ୍କ ହାତ ରହିଛି । ପାନିହାଟିରେ ଟିଏମସି ନେତାମାନେ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ କାର୍ଯ୍ୟାଳୟକୁ ଦଖଲ କରି ନିଆ ଯାଇଛି ଏବଂ ସେଠାରେ ଥିବା ବଜାୟ ପତାକା ଓ ସାଇନବୋର୍ଡ ହଟାଇ ଗେରୁଆ ପତାକା ଓ ପଦ୍ମ ଚିହ୍ନ ଲଗାଇ ଦିଆ ଯାଇଛି । ଅନ୍ୟପକ୍ଷେ, ଉତ୍ତର ୨୪ ପରଗଣାର ନୈହାଟିସ୍ଥାଣୁ ଟିଏମସି ପ୍ରାର୍ଥୀ ଡ୍ରିନାଙ୍କୁର ଭାଙ୍ଗାବାର୍ଯ୍ୟ ବାରାକପୁରର ଏକ ରୋଟ ଗଣତି କେନ୍ଦ୍ରରୁ ବାହାରୁ ଥିବା ସମୟରେ ବିଜେପି ସମର୍ଥକଙ୍କ ଦ୍ୱାରା ମାଡ଼ର ଶିକାର ହୋଇଛନ୍ତି । ତେବେ ବିଜେପି ନେତା ଅର୍ଜୁନ ସିଂହ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଏହିସବୁ ଘଟଣା ଟିଏମସିର ଆଭ୍ୟନ୍ତରୀଣ କଳହର ପରିଣାମ । ଟିଏମସି ନେତାମାନେ ଅଭିଯୋଗ କରିଛନ୍ତି ଯେ, ପୁଲିସର ନିଷ୍କ୍ରିୟତା କାରଣରୁ ବିଜେପି ସଂରକ୍ଷିତ ଅସାମାଜିକ ତତ୍ତ୍ୱମାନେ ବଜାୟ କର୍ମୀଙ୍କ ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରୁଛନ୍ତି । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ଗଣତି କେନ୍ଦ୍ରରୁ ବାହାରିବା ସମୟରେ ଡ୍ରିନାଙ୍କୁର ଭାଙ୍ଗାବାର୍ଯ୍ୟଙ୍କର ବିଜେପି କର୍ମୀଙ୍କ ସହ ଝଗଡ଼ା ହୋଇଥିଲା, ଯାହା ପରେ ତାଙ୍କୁ ମାଡ଼ ମରାଯାଇ ଥିଲା । କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ସେଠାରେ ଉପସ୍ଥିତ ଅନ୍ୟମାନେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଥିଲେ । ନିର୍ବାଚନ କମିଶନଙ୍କ ଅଧିକାରୀ କହିଛନ୍ତି ଯେ, ଶାନ୍ତି ବଜାୟ ରଖିବା ଏବଂ ହିଂସାରୁ ଦୂର ରହିବା ପ୍ରାର୍ଥୀ କିମ୍ବା ସମର୍ଥକଙ୍କ ଉପରେ ଆକ୍ରମଣ ରୋକିବା ପାଇଁ ପୁଲିସ ଓ ସୁରକ୍ଷା ବଳକୁ କଡ଼ା ନିର୍ଦ୍ଦେଶ ଦିଆ ଯାଇଛି ।

## ପଶ୍ଚିମବଙ୍ଗରେ ଟିଏମସି ମାନିଲା ପରାଜୟ

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ୪ ମାର୍ଚ୍ଚରେ ପଶ୍ଚିମବଙ୍ଗରେ ନିର୍ବାଚନ ଫଳାଫଳ ଟିଏମସିର ୧୫ବର୍ଷର ଶାସନର ଅନ୍ତ ଘଟାଇଛି । ସେଠାରେ ବିଜେପି ବର୍ତ୍ତମାନ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି । ଏହାର ଅର୍ଥ ହେଉଛି ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ସରକାର ଆଉ କ୍ଷମତାରେ ରହିବ ନାହିଁ । ବିଜେପି ରାଜ୍ୟରେ କ୍ଷମତା ଗ୍ରହଣ କରିବ । ବୃଣମୂଳ କଂଗ୍ରେସ ନେତା ଏବଂ ଟିଏମସି ମହାସଚିବ ଅଭିଷେକ ବାନାର୍ଜୀ ଏବେ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି । ନିର୍ବାଚନ ଫଳାଫଳ ଉପରେ ଏହା ତାଙ୍କର ପ୍ରଥମ ନ୍ୟୁତିକ୍ରିୟା । ଅଭିଷେକ ବାନାର୍ଜୀ କହିଛନ୍ତି ଯେ, ଏକ ସଭ୍ୟ ସମାଜରେ, ସମସ୍ତେ ଲୋକଙ୍କ ରାୟକୁ ଗ୍ରହଣ କରିବା ଉଚିତ । ରୋଟ ଗଣନା ପ୍ରକ୍ରିୟା ଅସାଧାରଣ ଧୀର ଗତିରେ ଚାଲିଛି । ପୂର୍ବରୁ ୨୦୨୧ରେ, ପ୍ରାୟ ୯୦% ଗଣନା ସାଢ଼େ ଆଠ ଘଣ୍ଟା ମଧ୍ୟରେ ସମାପ୍ତ ହୋଇଥିଲା । ଏବେ ସମାନ ସମୟରେ କେବଳ ୬-୮ ଘଣ୍ଟା ଶେଷ ହୋଇଛି । ଅଭିଷେକ ବାନାର୍ଜୀ କହିଛନ୍ତି, 'ମୁଁ ସମସ୍ତଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରୁଛି । ମୁଁ ସମସ୍ତ ତୃଣମୂଳ କଂଗ୍ରେସ କାଉଣ୍ଟିଂ ଏଜେଣ୍ଟମାନଙ୍କୁ ମଧ୍ୟ ଅନୁରୋଧ କରୁଛି ଯେ ସେମାନେ କୌଣସି ପରିସ୍ଥିତିରେ କାଉଣ୍ଟିଂ କେନ୍ଦ୍ର ଛାଡ଼ି ନ ଯାଆନ୍ତୁ । ଅନେକ ସ୍ଥାନରେ ଫଳାଫଳ ଗଣନାମାଧ୍ୟମକୁ ମଧ୍ୟ ଜଣାଯାଉ ନାହିଁ । ବର୍ତ୍ତମାନ ଦକ୍ଷିଣରେ, ତୃଣମୂଳ କଂଗ୍ରେସ ପୂର୍ବରୁ ଜିତିସାରିଛି । ତଥାପି, ଭୋଟ ପୁନଃଗଣନା କରାଯାଉଛି ।' ଅଭିଷେକ ବାନାର୍ଜୀ କହିଛନ୍ତି ଯେ, କଲ୍ୟାଣୀରେ ଅତି କମରେ ଆଠଟି ଏପରି ଇଭିମ୍ ଅଛି, ଯେଉଁଠାରେ ନିୟନ୍ତ୍ରଣ ୟୁନିଟର ତଥ୍ୟ ଫର୍ମ ୧୭ର ସହିତ ମେଳ ଖାଉ ନାହିଁ । ତୃଣମୂଳ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ହେଷ୍ଟିଙ୍ଗ୍ସ ଗଣନା କେନ୍ଦ୍ର ପରିଦର୍ଶନ କରିଥିଲେ, ଯେଉଁଠାରୁ ନିର୍ବାଚନ କମିଶନ ତାଙ୍କୁ ପ୍ରାର୍ଥୀ ନ ଥିବାରୁ ସେଠାରୁ ବାହାରିଯିବାକୁ କହିଥିଲେ । ସୂଚନା ରହିଛି ଯେ, ମମତା ବାନାର୍ଜୀ ଖୁବ୍ ଶୀଘ୍ର ରାଜ୍ୟପାଳଙ୍କୁ ଭେଟିପାରନ୍ତି । ସେ ଏବେ ବି ଗଣନା କେନ୍ଦ୍ରରେ ଉପସ୍ଥିତ ଅଛନ୍ତି । ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ବିଜେପି ଆମର ଗଣନା କେନ୍ଦ୍ରକୁ ଲୁଟ୍ କରୁଛି ।

## ଝାଲମୁଡ଼ି ପ୍ରଭାବ: ତୃଣମୂଳର ଗଡ଼ ଝାଡ଼ଗ୍ରାମ ଏବେ ବିଜେପି ଦଖଲରେ

କୋଲକାତା, ୪/୫(ନ୍ୟୁ.ଏ): ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଝାଲମୁଡ଼ି (ଭାଗ-ମସଲାଯୁକ୍ତ ମୁଡ଼ି) ଖୁଆଇ ନେଇ ରାଜନୀତି ସରଗରମ ହୋଇଥିଲା । ତୃଣମୂଳ ନେତ୍ରୀ ମମତା ବାନାର୍ଜୀ ଏହାକୁ ନାଟକବାଜି ବୋଲି କହିଥିଲେ । କିନ୍ତୁ ସେହି ଝାଲମୁଡ଼ି ଶେଷରେ ପ୍ରଭାବ ଦେଖାଇଛି । ସେହି ଅଂଚଳ ଝାଡ଼ଗ୍ରାମକୁ ବିଜେପି ଦଖଲ କରିନେଇଛି, ଯାହା ଏବଦା ତୃଣମୂଳର ଗଡ଼ ଥିଲା । ପୂରବର୍ତ୍ତୀ ଏକ ରାଲିରେ ପ୍ରଧାନମନ୍ତ୍ରୀ କହିଥିଲେ, ମୁଁ ଝାଲମୁଡ଼ି ଖାଇଥିଲି, କିନ୍ତୁ ଝାଲ (ଭାଗ) ତୃଣମୂଳକୁ ଲାଗିଲା । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଝାଲମୁଡ଼ି ଖାଇଥିବା ଝାଡ଼ଗ୍ରାମ ଜିଲ୍ଲାର ଗରେଟି ବିଧାନସଭା ଆସନକୁ ବିଜେପି ସୁରକ୍ଷିତ କରିବାକୁ ଯାଉଛି । ରାଜ୍ୟରେ ମଧ୍ୟ ବିଜେପି ପ୍ରଥମ ସରକାର ଗଠନ କରିବାକୁ ଯାଉଛି । ସେହି ଝାଲମୁଡ଼ି ଏବେ ବିଜେପିକୁ ଖୁଆଦିଆ ଓ ତୃଣମୂଳ ପାଇଁ ଗାଳୁଆ ହୋଇଯାଇଛି । ବଙ୍ଗଳାର ଝାଡ଼ଗ୍ରାମ ଜିଲ୍ଲାର ଗରେଟି ବିଧାନସଭା ଆସନ ନୟାଗ୍ରାମ, ଗୋପୀବଲ୍ଲଭପୁର, ଝାଡ଼ଗ୍ରାମ ଓ ଡିନ୍‌ପୁରରେ ବିଜେପି ଆଗୁଆ ରହିଛି । ଝାଡ଼ଗ୍ରାମ ରାଜ୍ୟର ଜଙ୍ଗଲମହଲ ଅଂଚଳର ଏକ ଅଂଶ, ଯାହା ବଙ୍ଗଳାର ସର୍ବନିମ୍ନ ବିକଶିତ ଅଂଚଳ ମଧ୍ୟରୁ ଅନ୍ୟତମ । ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ଜନସଂଖ୍ୟାର ପ୍ରାୟ ୪୯ ପ୍ରତିଶତ ଅଛନ୍ତି, ଯାହା ସେମାନଙ୍କୁ ଏକ ନିର୍ଣ୍ଣାୟକ ନିର୍ବାଚନୀ ଗୋଷ୍ଠୀରେ ପରିଣତ କରିଛି । ସେମାନେ ଏଥର ବିଜେପିକୁ ଦୃଢ଼ ସମର୍ଥନ କରିଥିବା ଜଣାପଡିଛି । ଏପ୍ରିଲରେ ଝାଡ଼ଗ୍ରାମରେ ଏକ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଜନଖୁଆ ଖାଉଟା ପାଇଁ ଅଟକିବା ପରେ ଝାଲମୁଡ଼ି ଲୋକଙ୍କ ଆଗ୍ରହ ସୃଷ୍ଟି କରିଥିଲା । ଏପରିକି ସେ ମୁଡ଼ି ବିଲ୍ଲେବାକୁ ୧୦ ଟଙ୍କା ମଧ୍ୟ ଦେଇଥିଲେ । ଟିଏମସି ଏହାକୁ ଏକ 'ଡ୍ରାମା' ବୋଲି କହିଥିଲା । ତେବେ, ବର୍ତ୍ତମାନ ଲାଗୁଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଝାଲମୁଡ଼ି ଟ୍ରେଣ୍ଡ ଝାଡ଼ଗ୍ରାମରେ ତୃଣମୂଳର ମୂଳ ଉପାଡ଼ି ଦେଇଛି ଏବଂ ମମତାଙ୍କ କ୍ରମାଗତ ବିଜୟ ଅଭିଯାନରେ ବ୍ରେକ୍ ଲଗାଇଛି । ମୋଦୀ ସ୍ଥାନୀୟ ଅଂଚଳର ବିଶେଷଜ୍ଞଙ୍କ ଗଭିଦମାନଙ୍କର ଜନଖୁଆ ଖାଉଟା ପରେ ସେହି ଲୋକଙ୍କ ପାଖରେ ଲୋକପ୍ରିୟ ହୋଇଯାଇଥିଲେ, ଯାହା ଭୋଟରେ ପରିଣତ ହୋଇଥିଲା । ତୃଣମୂଳର 'ବହିରାଗତ' ବନାମ 'ଭୂମିପୁତ୍ର' ବିତର୍କକୁ ପ୍ରତିହତ କରିବା ପାଇଁ ଏହା ମଧ୍ୟ ଏକ ପଦକ୍ଷେପ ଥିଲା । ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ମେ ୪ ତାରିଖରେ ବିଜେପିର ବିଜୟ ଉତ୍ସବ ବଙ୍ଗଳାରେ ଅନୁଷ୍ଠିତ ହେବ, ମିଠା ମଧ୍ୟ ବଂଟନ କରାଯିବ ଏବଂ ଝାଲମୁଡ଼ି ମଧ୍ୟ ବଂଟନ କରାଯିବ । ବର୍ତ୍ତମାନ ପଶ୍ଚିମବଙ୍ଗରେ ସର୍ବତ୍ର ଝାଲମୁଡ଼ି ଖାଇ ବିଜେପି କର୍ମୀମାନେ ଖୁସି ମନାଉଥିବା ଦେଖିବାକୁ ମିଳୁଛି ।

## ପଶ୍ଚିମବଙ୍ଗ ବିଜୟ ସହ ଏନ୍‌ଡିଏ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ପଶ୍ଚିମବଙ୍ଗରେ ବାର୍ଗି ୧୫ ବର୍ଷର ଟିଏମ୍‌ସି ଶାସନ ପରେ ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୃଣମୂଳ କଂଗ୍ରେସଠାରୁ ଉଙ୍ଗାକା ଛଡ଼ାଇ ନେଇଛି । ପଶ୍ଚିମବଙ୍ଗ ବିଜୟ ସହ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମୋର୍ଚ୍ଚର ନେତୃତ୍ୱ ୨୧ଟି ରାଜ୍ୟକୁ ବୃଦ୍ଧି ପାଇଛି । ଏଥିର ଅର୍ଥ ଏନ୍‌ଡିଏ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକର ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷେ କେନ୍ଦ୍ରରେ ପ୍ରମୁଖ ବିରୋଧୀ ମୋର୍ଚ୍ଚ ତଥା ଇଣ୍ଡି ମୋର୍ଚ୍ଚ ଡାମିଲନାଡୁରେ ପରାଜିତ ହୋଇଥିଲେ ସୁଦ୍ଧା ଜେଜେବରେ ଜିତିବା ପରେ ଦେଶର ଛଅଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି । ତେବେ କେଉଁଠାରେ ନିର୍ଣ୍ଣାୟକ ପ୍ରଦର୍ଶନ ପରେ ମଧ୍ୟ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମୋର୍ଚ୍ଚର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଜାରି ରହିଛି । ଭଲୁଣ୍ଟେଖଯୋଗ୍ୟ ଯେ ପଶ୍ଚିମବଙ୍ଗ ବିଜୟ ପରେ ବିଜେପି ନିଜେ ସ୍ୱାଧୀନ ଭାବରେ ୧୫ଟି ରାଜ୍ୟରେ ଶାସନ କରିବ, କିନ୍ତୁ ବିହାରରେ ଜେଡିୟୁ, ଆନ୍ଧ୍ର ପ୍ରଦେଶରେ ତିଡିପି , ନାଗାଲାଣ୍ଡ (ନାଗା ପିପୁଲ୍ସ ଫ୍ରଣ୍ଟ), ମେଘାଳୟରେ (ନ୍ୟାଶନାଲ ପିପୁଲ୍ସ ପାର୍ଟି) ଅଜ୍ଞ ମୋର୍ଚ୍ଚ ଯୋଗୁ ମୋର୍ଚ୍ଚ ନେତୃତ୍ୱାଧୀନରେ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଡାମିଲନାଡୁରେ ଡିଏମକେ-କଂଗ୍ରେସ ମୋର୍ଚ୍ଚକୁ ହଟାଇ ଦିଆଯାଇଥିବା ବେଳେ, କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ଜେରକରେ ସରକାର ଗଠନ କରିବାକୁ ଯାଉଛି । କଂଗ୍ରେସ କେବଳ ତିନୋଟି ରାଜ୍ୟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶରେ ଏକକ ବହୁମତ ସରକାର ରଖିଛି । ଦଳ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ ସହିତ ମୋର୍ଚ୍ଚରେ ଅଛି । ପଞ୍ଜାବରେ ଭଗବନ୍ତ ମାନଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଏଏପି) ଲଣ୍ଡିଆ ବ୍ଲକ୍‌ର ଅଂଶ ନୁହେଁ, କିନ୍ତୁ କେନ୍ଦ୍ରରେ ଏହା ବିଜେପିକୁ ବିରୋଧ କରୁଛି ।

## ପଶ୍ଚିମବଙ୍ଗରେ ନିର୍ବାଚନ ହାରିଲେ ଗୋଗୋଇ

ନୂଆଦିଲ୍ଲୀ, ୪/୫(ନ୍ୟୁ.ଏ): ଆସାମ ବିଧାନସଭା ନିର୍ବାଚନର ଫଳାଫଳ ଅସିଛାରେ ଲାଗିଛି । ଶେଷ ସୂଚନା ମୁତାବକ ଆସାମରେ ପୁଣି ବିଜେପି ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ସରକାର ଗଠନ କରିବାକୁ ଯାଉଛି । ସେପଟେ ଆସାମ କଂଗ୍ରେସର ନେତୃତ୍ୱ ନେଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁତ୍ର ତଥା ସାଂସଦ ଗୌରବ ଗୋଗୋଇ ନିଜେ ପରାଜିତ ହୋଇଛନ୍ତି । ଜୋରହାଟ ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚନ ଲଢ଼ିଥିବା ବେଳେ ସେ ବିଜେପି ପ୍ରାର୍ଥୀ ହିତେନ୍ଦ୍ରନାଥ ଗୋସ୍ୱାମୀଙ୍କ ଠାରୁ ୨୦ ହଜାରରୁ ଅଧିକ ରୋଟରେ ପରାଜିତ ହୋଇଛନ୍ତି । ଗୌରବ ଗୋଗୋଇଙ୍କୁ ୪୬୨୫୭ ଖଣ୍ଡ ରୋଟ ମିଳିଥିବା ବେଳେ ବିଜେପି ପ୍ରାର୍ଥୀଙ୍କୁ ୬୯୪୩୯ ଖଣ୍ଡ ରୋଟ ମିଳିଛି । ସୂଚନା ଥାଉ କି,ଗୌରବ ଗୋଗୋଇ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିଥିଲେ । ସେହି ଆସନରୁ ହିତେନ୍ଦ୍ର ଗୋସ୍ୱାମୀ ୫ ଥର ବିଧାୟକ ହୋଇଛନ୍ତି । ସେ ଏହି ଆସନରୁ ଆସାମ ଗଣପରିଷଦ ତିକେଟରୁ ୩ ଥର ଓ ବିଜେପି ଟିକେଟରୁ ୨ ଥର ବିଜୟୀ ହୋଇଛନ୍ତି ।

## ନିଜ ଆସନରେ ହାରିଗଲେ ଷ୍ଟାଲିନ୍

ଚେନ୍ନାଇ, ୪/୫(ନ୍ୟୁ.ଏ): ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏବଂ ଡିଏମ୍‌କେ ମୁଖ୍ୟ ଏମ୍‌କେ ଷ